

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୩ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 03 DECEMBER 2023

Vol.No. 34 ■ No. 316■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲଦ୍ଦାଖରେ ୩.୪ ତୀବ୍ରତାର ଭୂକମ୍ପ

ଲଦ୍ଦାଖ, ୦୨/୧୨ଲଦ୍ଦାଖରେ ଶନିବାର ସକାଳେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା କମ୍ କାରଣରୁ କୌଣସି କ୍ଷୟକ୍ଷତି ହୋଇନାହିଁ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁସାରେ ସକାଳ ୮.୨୫ ମିନିଟ ସମୟରେ ଲଦ୍ଦାଖରେ ରିକ୍ଟର ସ୍କେଲରେ ୩.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ୧୦ କିଲୋମିଟର ଗଭୀରରେ ଏହାର କେନ୍ଦ୍ର ଥିଲା । ଯାହାର ଅକ୍ଷାଂଶ ୩୫.୪୪ ଓ ଲମ୍ବ ୭୭.୩୬ ଅଟେ ।

## ପୁଣି ବିଷାକ୍ତ ହେଲା ଦିଲ୍ଲୀର ବାୟୁ: ଶ୍ୱାସକ୍ରିୟାରେ ସମସ୍ୟା

ନୂଆଦିଲ୍ଲୀ, ୦୨/୧୨ : ପୁଣି ଥରେ ବିଷ ବଳୟରେ ରାଜଧାନୀ ଦିଲ୍ଲୀ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ଆଜି ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ବହୁତ ଖରାପ ଶ୍ରେଣୀରେ ପହଂଚିଛି । ଆନନ୍ଦ ବିହାରରେ ୩୮୮, ଅଶୋକ ବିହାରରେ ୩୮୬, ଲୋଧି ରୋଡରେ ୩୪୯, ଜବାହାରଲାଲ ନେହେରୁ ଷ୍ଟାଡିୟମରେ ୩୬୬ ରେକର୍ଡ ହୋଇଛି । ଦିଲ୍ଲୀର ଏକାଧିକ ସ୍ଥାନରେ ଏକ୍ୟୁଆଇ ୪୫୦ ରେକର୍ଡ ହୋଇଛି । ଲଗାତର ବିଷାକ୍ତ ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରୁଥିବା ଦିଲ୍ଲୀବାସୀଙ୍କ ପାଇଁ ଡିସେମ୍ବର ଆରମ୍ଭରେ ବାୟୁ ପ୍ରଦୂଷିତ ରହିଛି ।

# ଆଜି ଆସିବ ୪ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ

## ବିଜୟ ପାଇଁ ଇଶ୍ୱରଙ୍କ ଶରଣରେ ନେତା, ମନ୍ତ୍ରୀ, ପ୍ରାର୍ଥୀ

ନୂଆଦିଲ୍ଲୀ, ୦୨/୧୨ : ବିଧାନସଭା ନିର୍ବାଚନ ଭୋଟ ଗଣତିର ଦିନକ ପୂର୍ବରୁ ବିଜେପିର ନେତ୍ରୀ ତଥା ରାଜସ୍ଥାନ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ଦୌସା ଜିଲ୍ଲାର ମେହନ୍ଦିପୁର ବାଲାଜୀ ମନ୍ଦିରରେ ପହଁଚି ବ୍ୟାପକ ପୂଜାର୍ଚ୍ଚନା କରିଛନ୍ତି । ପ୍ରଥମେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ବାଲାଜୀ ମନ୍ଦିରରେ ପହଁଚିଥିଲେ ବସୁନ୍ଧରା ରାଜେ । ତାଙ୍କ ସହ ବିଜେପିର ଅନ୍ୟ ସାଂସଦ ବିଧାୟକ ଏବଂ ପ୍ରାର୍ଥୀ ଉପସ୍ଥିତ ରହି ସେମାନେ ବି ଭଗବାନଙ୍କ ଆଶିର୍ବାଦ ନେଇଛନ୍ତି । ନିର୍ବାଚନ ଫଳାଫଳ ପୂର୍ବରୁ ବସୁନ୍ଧରା ରାଜେଙ୍କ ଏଭଳି ଦେବ ଦର୍ଶନ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ରବିବାର ୪ ରାଜ୍ୟର ବିଧାନସଭା ଫଳାଫଳ ପ୍ରକାଶ ପାଇବ । ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ ଓ ତେଲେଙ୍ଗାନା । ଏହାର ଦିନକ ପରେ ମିଜୋରାମରେ ହେବ ଭୋଟ ଗଣତି । ଏହା ପୂର୍ବରୁ ଭଗବନାଙ୍କ ଦ୍ୱାରରେ ପହଁଚୁଛନ୍ତି ନେତା । ସୋମନାଥ ମନ୍ଦିରରେ ପହଁଚି ପୂଜାର୍ଚ୍ଚନା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଭାରତୀୟ ଜନତା ପାର୍ଟିର ବିଜୟ କାମନା କରି ଗୁଜରାଟର ସୋମନାଥ ମନ୍ଦିରରେ ପୂଜାପାଠ କରିଛନ୍ତି ଶାହା । ସେପଟେ ମଧ୍ୟପ୍ରଦେଶ ବିଜେପି ନେତା କୈଳାଶ ବିଜୟବର୍ଗୀୟ ମଧ୍ୟ ପୂଜାର୍ଚ୍ଚନା କରି ଦଳର ବିଜୟ କାମନା କରିଛନ୍ତି । ସେହପରି ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ନିଜ ଦଳର ବିଜୟ କାମନା କରି ପୂଜାର୍ଚ୍ଚନା କରିଛନ୍ତି । ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ୨୦୨୩ ୫ ରାଜ୍ୟ ବିଧାନସଭା ନିର୍ବାଚନ ବେଶ ଗୁରୁତ୍ୱବହନ କରୁଛି । ଏହି ୫ ରାଜ୍ୟରେ ମୋଟ ୨୦ କୋଟି ଭୋଟର ଅଛନ୍ତି । ଆଉ ଏମାନଙ୍କ ମତଦାନ ବହୁ ଗୁରୁତ୍ୱ ବହନ କରୁଛି । କାରଣ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ୫ ରାଜ୍ୟର ବିଧାନସଭା ଫଳାଫଳ ଏକ ପ୍ରକାର ନିର୍ଣ୍ଣାୟକ ହୋଇପାରେ । ଫାଇନାଲ ମ୍ୟାଚ୍ ପୂର୍ବରୁ ଏହା ସେମିଫାଇନାଲ ବୋଲି କୁହାଯାଉଛି । ଏଥିରେ ଯେଉଁ ଦଳେ ବାଜି ମାରିବ, ୨୪ରେ ତାର ପଲ୍ଲା ଭାରି ରହିବ ବୋଲି କୁହାଯାଉଛି ।

## ଚାକିରିରୁ ବିଦା ହେଲେ କୁବେର ଆଇଆଇସି

ବୈପାରୀଗୁଡ଼ା, ୦୨/୧୨ (ନି.ପ୍ର): ଚାକିରିରୁ ବହିଷ୍କୃତ ହେଲେ କୁବେର ଆଇଆଇସି ସୁଶାନ୍ତ ଶତପଥୀ । ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ବୈପାରୀଗୁଡ଼ା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି ଡିଜିପି । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ପୂର୍ବରୁ ଗିରଫ ହୋଇ ସାରିଛନ୍ତି ସୁଶାନ୍ତ । ଗତ ୨୭ ତାରିଖରେ ରାତିରେ ସୁଶାନ୍ତ ବୈପାରୀଗୁଡ଼ାରୁ ନିଜ କଟକସ୍ଥିତ ସରକାରୀ ବାସଭବନକୁ ଏକ ଘରୋଇ ବସ୍ ଯୋଗେ ଆସୁଥିଲେ । ଜୟପୁର ସ୍ଥିତ ଟାଙ୍କୁଆ ନିକଟରେ ସୁଶାନ୍ତଙ୍କୁ ଧରିଥିଲା ଭିଜିଲାନ୍ସ । ତାଙ୍କ ନିକଟରୁ ୨ ଲକ୍ଷ ୭୦ ହଜାର ଟଙ୍କା ଜବତ କରିଥିଲା ଭିଜିଲାନ୍ସ । ଉକ୍ତ ରାତିରେ ଭିଜିଲାନ୍ସ ଅଧିକାରୀମାନେ ସୁଶାନ୍ତଙ୍କ ଅଫିସ୍ ଚାମ୍ବର ଓ ସରକାରୀ ବାସଭବନରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ଆଇଆଇସିଙ୍କ ଅଫିସ୍ ଚାମ୍ବରରୁ ୧ ଲକ୍ଷ ୮୦ ହଜାର ଟଙ୍କା ଜବତ ହୋଇଥିବା ବେଳେ ସରକାରୀ ବାସଭବନରୁ ୩ ଲକ୍ଷ ଟଙ୍କା ଜବତ ହୋଇଥିଲା । ପର ଦିନ ଆଇଆଇସିଙ୍କ କଟକ ବକ୍ସିବଜାରସ୍ଥିତ କ୍ୱାର୍ଟର୍ସରେ ଚଢ଼ାଉ କରି ୨୯ ଲକ୍ଷ ୭୭ ହଜାର ଜବତ କରିଥିଲା ଭିଜିଲାନ୍ସ । ଟଙ୍କା ଗଣି ଗଣି ଭିଜିଲାନ୍ସ ଅଧିକାରୀ ହାଲିଆ ହୋଇ ଯିବା ପରେ ମେଶିନ ମଗାଯାଇ ଟଙ୍କା ଗଣା ଯାଇଥିଲା । ଆଇଆଇସି ସୁଶାନ୍ତଙ୍କ ଘରୁ ସର୍ବମୋଟ ୩୭ ଲକ୍ଷ ଟଙ୍କା ଜବତ କରିଥିଲା ଭିଜିଲାନ୍ସ ।

▶▶ପୃଷ୍ଠା ୭

## ନକ୍ସଲ ବ୍ୟାନର ଖୋଜୁଥିଲେ ସିଆରପିଏଫ୍ ଯବାନ: ହେଲା ଆଇଇଡି ବିସ୍ଫୋରଣ

ଛତିଶଗଡ଼, ୦୨/୧୨ : ଛତିଶଗଡ଼ ଦନ୍ତେୱାଡ଼ାରେ ବଡ଼ ଧରଣର ଅଘଟଣରୁ ବର୍ତ୍ତିଗଲେ ସିଆରପିଏଫ୍ ଯବାନ । ବାରସୁର୍ ଥାନା ଅଞ୍ଚଳରେ ବିଛାଯାଇଥିବା ଆଇଇଡି ବିସ୍ଫୋରଣରେ ମୃତ୍ୟୁମୁଖରୁ ବଞ୍ଚିଯାଇଛନ୍ତି ୨ ସିଆରପିଏଫ୍ ଯବାନ । କିନ୍ତୁ ସେମାନେ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବରସୁର୍ ପଲ୍ଲୀ ରାସ୍ତାରେ ଏକ ବ୍ରିଜ ନିକଟରେ ନକ୍ସଲଙ୍କ ବ୍ୟାନର ଓ ପୋଷ୍ଟର ଲାଗିଥିବା ଖବର ପାଇ ସିଆରପିଏଫ୍ ଯବାନ ପହଞ୍ଚିଥିଲେ । ସେଠାରେ ସେମାନେ ନକ୍ସଲ ବ୍ୟାନର ଓ ପୋଷ୍ଟର ଲାଗିଥିବା ସ୍ଥାନ ଖୋଜାଖୋଜି କରୁଥିଲେ । ଠିକ ଏତିକି ସମୟରେ ନକ୍ସଲମାନେ ବିଛାଇଥିବା ଆଇଇଡି ହଠାତ ବିସ୍ଫୋରଣ ହୋଇଥିଲା ।

## ଆମେରିକାକୁ ଧମକ ଦେଲା ଉତ୍ତର କୋରିଆ

ନୂଆଦିଲ୍ଲୀ, ୦୨/୧୨ : ଉତ୍ତର କୋରିଆ ପରେ ଏବେ ଦକ୍ଷିଣ କୋରିଆ ଶୁକ୍ରବାର କାଲିଫର୍ନିଆ ସ୍ଥିତ ଆମେରିକା ସୈନ୍ୟ ଶିବିରରୁ ନିଜର ପ୍ରଥମ ଗୁଇନ୍ଦା ସାଟେଲାଇଟକୁ ସଫଳତାର ସହ ଉତକ୍ଷେପଣ କରିଛି । ୱେଡନବର୍ଗ ସ୍ପେସ୍ ଫୋର୍ସ ବେସରୁ ସ୍ପେସ୍‌ଏକ୍ସ ଫାଲ୍କନ୯ ରକେଟ୍ ସହଯୋଗରେ ଏହାକୁ ଲଞ୍ଚ କରାଯାଇଛି । ଏହା ପୂର୍ବରୁ ଗତ ମାସରେ ଉତ୍ତର କୋରିଆ ତୃତୀୟ ପ୍ରୟାସରେ ନିଜର ଗୁଇନ୍ଦା ସାଟେଲାଇଟ୍‌କୁ ପୃଥିବୀ କକ୍ଷରେ ଅବସ୍ଥାପିତ କରିଥିଲା । ଦକ୍ଷିଣ କୋରିଆ ସ୍ପେସଏକ୍ସ ସହ ୨୦୨୫ ଯାଏ ଆହୁରି ଚାରି ସାଟେଲାଇଟ୍ ଲଞ୍ଚ କରିବ । ଉତ୍ତର କୋରିଆ ନଜର ରଖିବା ଲକ୍ଷ୍ୟରେ ଦକ୍ଷିଣ କୋରିଆ ଏହି ଗୁଇନ୍ଦା ସାଟେଲାଇଟ୍ ଲଞ୍ଚ କରିବାକୁ ଯୋଜନା କରୁଛି । ଏହି ଯୋଜନାରେ ଦୁଇ କୋରିଆ ଦେଶରେ ହତିଆର ଉପଲବ୍ଧତା ମଧ୍ୟ ଅଧିକ ବଢିବ ବୋଲି ଅନୁମାନ କରାଯାଉଛି । ଦକ୍ଷିଣ କୋରିଆର ପ୍ରତିରକ୍ଷା ମନ୍ତ୍ରାଳୟ କହିଛି, 'ସାଟେଲାଇଟକୁ କକ୍ଷରେ ସ୍ଥାପନ ହେବାର ଏକ ଘଣ୍ଟା ପରେ କାଲିଫର୍ଣ୍ଣିଆ ସ୍ଥିତ ଗ୍ରାଉଣ୍ଡ ଷ୍ଟେସନ ସହ ସଫଳତାପୂର୍ବକ ଯୋଗାଯୋଗ ସମ୍ଭବ ହୋଇଛି । ସାଟେଲାଇଟର ସଫଳ ଲଞ୍ଚିଂ ସହ ଆମ ସେନା ସ୍ୱତନ୍ତ୍ର ଗୁଇନ୍ଦା ନିରୀକ୍ଷଣ ଓ ସୈନ୍ୟ ପରୀକ୍ଷଣ କ୍ଷମତାକୁ

▶▶ପୃଷ୍ଠା ୭

## ଆନ୍ତଃରାଜ୍ୟ ଟ୍ରକ୍ ଚୋରି ଘଟଣା: ଦୁଇ ଟ୍ରକ ଜବତ ସ୍କର୍ପିଓ ଜବତ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଟ୍ରକ ଚୋରି ଘଟଣା ବଢ଼ିବାରେ ଲାଗିଛି । ବିଶେଷ କରି କେନ୍ଦୁଝର ସହର ଉପକଣ୍ଠରେ ଏହି ଘଟଣା ୨୦୨୩ ମସିହାରେ ବୃଦ୍ଧି ପାଇଥିଲା । ଏହି ଟ୍ରକ ଚୋରି ଘଟଣାରେ ପୋଲିସ ତଦନ୍ତ କରି ଆଜି ଦୁଇ ଜଣକୁ ଗିରଫ କରିବାରେ ସଫଳ ହୋଇଛି । ଏହି ଦୁଇ ଜଣ ହେଲେ ସଜିବୁଲ ହୁସେନ ଓ ମଇତୁଲ ସାଇ । ଏହି ଦୁଇଜଣଙ୍କ ଘର ପଡୋଶୀ ଝାଡ଼ଖଣ୍ଡ ରାଜ୍ୟର ମଝିଗାଁରେ ବୋଲି ଜଣାପଡ଼ିଛି । ଏହାସହ ଏକ ସ୍କର୍ପିଓକୁ ମଧ୍ୟ ଟାଉନ ଥାନା ପୋଲିସ ଧରିବାରେ ସକ୍ଷମ ହୋଇଛି । ଟ୍ରକ ଚୋର ମାନେ ବ୍ୟବହାର କରୁଥିବା ଦୁଇ ମୋବାଇଲ ମଧ୍ୟ ପୋଲିସ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛି । ଏହା ସହ ଟ୍ରକ ଚୋରି ରାକେଟର ଅଧିକ ତଦନ୍ତ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି । ଆଜିର ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ସହକାରୀ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ ନାୟକ, ଟାଉନ ଥାନା ଅଧିକାରୀ ସୁନିଲ କର ଉପସ୍ଥିତ ଥିଲେ ।

▶▶ପୃଷ୍ଠା ୭

## ସୃଷ୍ଟି ହେଲା ଗଭୀର ଅବପାତ: ୨୪ ଘଣ୍ଟାରେ ବାତ୍ୟା



ଭୁବନେଶ୍ୱର, ୦୨/୧୨ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତଟି ଘନୀଭୂତ ହୋଇ ଆଜି ଗଭୀର ଅବପାତରେ ପରିଣତ ହୋଇଛି । ଆଗାମୀ ୨୪ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଆସନ୍ତାକାଲି ଅର୍ଥାତ ୩ ତାରିଖରୁ ୭ ତାରିଖ ଯାଏଁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି । ପାଣିପାଗକେନ୍ଦ୍ରର ସୂଚନା ଅନୁସାରେ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତଟି ପୁଡୁଚେରୀ ଠାରୁ ୫୦୦କିମି, ଚେନ୍ନାଇ ଠାରୁ ୫୧୦ କିମି ଦୂରରେ ଅବସ୍ଥିତ ରହିଛି । ଆଗାମୀ ୨୪ଘଣ୍ଟା ମଧ୍ୟରେ ଆହୁରି ଘନୀଭୂତ ହୋଇ ଏକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି । ଏହି ସମ୍ଭାବ୍ୟ ବାତ୍ୟାଟି ୪ ତାରିଖରେ ଦକ୍ଷିଣ ଆନ୍ଧ୍ର ଓ ଉତ୍ତର

▶▶ପୃଷ୍ଠା ୭

## କଂଗ୍ରେସରେ ମିଶିଲେ ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): କଂଗ୍ରେସରେ ଯୋଗ ଦେଇଛନ୍ତି କୋରାପୁଟର ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ । ଆଜି ଭୁବନେଶ୍ୱରରେ କଂଗ୍ରେସ ଭବନରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ବିଜୟ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ । ଜୟରାମ ପାଙ୍ଗୀ କହିଛନ୍ତି ଯେ କଂଗ୍ରେସକୁ ଶକ୍ତିଶାଳୀ କରିବାକୁ ଓ ବିଜେଡି ସରକାରକୁ କ୍ଷମତାଚ୍ୟୁତ କରିବାକୁ ସେ ଏହି ଦଳରେ ଯୋଗ ଦେଇଛନ୍ତି । ରାଜ୍ୟକୁ ବଞ୍ଚାଇବାକୁ ହେଲେ ଆସନ୍ତା ନିର୍ବାଚନରେ ବିଜେଡିକୁ ଗାଦିଚ୍ୟୁତ କରିବାକୁ ପଡ଼ିବ ବୋଲି ସେ ରାଜ୍ୟବାସୀଙ୍କୁ ଅନୁରୋଧ କରି କହିଛନ୍ତି । ଏହା ପୂର୍ବରୁ ଜୟରାମ ପାଙ୍ଗୀ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆରଙ୍କ ଦଳ ଭାରତ ରାଷ୍ଟ୍ର ସମିତିରେ ଥିଲେ । ତା' ପୂର୍ବରୁ ସେ ବିଜେପି, ବିଜେଡି ଓ ଜନତା ଦଳରେ ଥିଲେ । ସେ ୪ ଥର ବିଧାନସଭାକୁ ଓ ଥରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୭ ମସିହାରେ ଜନତା ପାର୍ଟି ଟିକେଟ୍‌ରେ ଜୟରାମ ପାଙ୍ଗୀ ପ୍ରଥମେ ପଟାଙ୍ଗୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୧୯୯୦ରେ ସେହି ଆସନରୁ ସେ ଦ୍ୱିତୀୟ ଥର ଜନତା ପାର୍ଟି ଟିକେଟ୍‌ରେ ବିଧାନସଭାକୁ ଯାଇଥିଲେ । ୨୦୦୦ ଓ ୨୦୦୪ରେ ସେ ବିଜେଡି ଟିକେଟରେ

▶▶ପୃଷ୍ଠା ୭

## ବାଲି ଚାଲାଣ ନେଇ ପୂର୍ବତନ କଟକ ଜିଲ୍ଲାପାଳ ଦାଖଲ କରିଥିଲେ ମିଥ୍ୟା ସତ୍ୟପାଠ: ହାଇକୋର୍ଟ କ୍ଷୁବ୍ଧ

କଟକ, ୦୨/୧୨ (ନି.ପ୍ର): କଟକର ପୂର୍ବତନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ହାଇକୋର୍ଟଙ୍କ ବାଲି ଛାଟ । ବାଲି ପରିବହନ ନେଇ ଭବାନୀ ଶଙ୍କର ଚୟନୀଙ୍କ ପ୍ରତି କ୍ଷୁବ୍ଧ ହୋଇଛନ୍ତି ହାଇକୋର୍ଟ । କୋର୍ଟ କହିଛନ୍ତି, ବାଲି ପରିବହନ ନେଇ ଭବାନୀଶଙ୍କର ଚୟନୀ ଦାଖଲ କରିଥିବା ସତ୍ୟପାଠ ମିଥ୍ୟା । ତେଣୁ ତାଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ । କଟକ ସହରର ବିଭିନ୍ନ ନଦୀ ପଠାରୁ ବେଆଇନ ବାଲି ଉଠାଣ ଓ ପରିବହନ କରାଯାଉ ଥିବା ନେଇ ପ୍ରଶାନ୍ତ କୁମାର ଜେନା ନାମକ ଜଣେ ସ୍ୱେଚ୍ଛାସେବୀ ହାଇକୋର୍ଟରେ ଏକ ପିଆଇଏଲ୍ ଦାଖଲ କରିଥିଲେ । ଲିଜ୍ ଧାରୀଙ୍କ ପାଇଁ ପ୍ରଶାସନ ଲୋକଙ୍କ ସ୍ୱାର୍ଥକୁ ଆଖି ବୁଜିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା । ଏହାକୁ ନେଇ ହାଇକୋର୍ଟ ଜିଲ୍ଲା ପ୍ରଶାସନଠାରୁ ସତ୍ୟପାଠ ମାଗିଥିଲେ । ଚଳିତ ବର୍ଷ ଜୁଲାଇ ୧୯ ତାରିଖରେ କଟକର ତତ୍କାଳୀନ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା । ସେହି ସତ୍ୟାପାଠରେ ସେ ଉଲ୍ଲେଖ କରିଥିଲେ ଯେ, ସରକାରୀ ନୀତିନିୟମ ଅନୁସାରେ ବାଲି ଉଠାଣ ଓ ପରିବହନ କରାଯାଉଛି । ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି । ବେଆଇନ ବାଲି ଚାଲାଣ

▶▶ପୃଷ୍ଠା ୭

## ନୂଆ ଠକେଇ: ମହିଳାଙ୍କୁ 'ଡିଜିଟାଲ ଗିରଫ' କରି ନେଇଗଲେ ଲକ୍ଷାଧିକ ଟଙ୍କା

ନୂଆଦିଲ୍ଲୀ, ୦୨/୧୨ : ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟ କରିବା ଭଳି ଘଟଣା । ଜଣେ ମହିଳାଙ୍କୁ ସାଇବର ଠକମାନେ ଡିଜିଟାଲ ଉପାୟରେ ଗିରଫ କରି ତାଙ୍କ ଠାରୁ ନେଇ ଯାଇଛନ୍ତି ଲକ୍ଷାଧିକ ଟଙ୍କା । ନୋଏଡାରେ ରହୁଥିବା ଜଣେ ମହିଳାଙ୍କ ସହ ଏପରି ଘଟଣା ଘଟିଛି । ଏନେଇ ଶନିବାର ପୁଲିସ୍ ସୂଚନା ଦେଇଛି । ପ୍ରଥମଥର ପାଇଁ ସାଇବର ଠକମାନେ ଏପରି ଡିଜିଟାଲ ଗିରଫ ଦ୍ୱାରା ଠକେଇ କରିଛନ୍ତି । ମହିଳା ଜଣଙ୍କ ନୋଏଡାରେ ଥିବା ସାଇବର କ୍ରାଇମ ପୁଲିସ ଷ୍ଟେସନରେ ଠକେଇ ନେଇ ଅଭିଯୋଗ କରିବା ପରେ ପୂରା ଘଟଣା ସାମ୍ନାକୁ ଆସିଛି । ଠକମାନେ ନିଜକୁ ପୁଲିସ୍ ଅଫିସରର ପରିଚୟ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ନିଜକୁ ସିବିଆଇ ଅଫିସର କହିଥିଲା । ୫୦ ବର୍ଷୀୟ ମହିଳାଙ୍କ ନାଁରେ ବିଭିନ୍ନ ପ୍ରକାରର ମାମଲା ରୁଜୁ ହୋଇଛି ଓ ସେ ଅନେକ ପ୍ରକାରର ଠକେଇରେ ସାମିଲ ଥିବା ଜଣାପଡ଼ିଥିବା କଥା କହି ଠକମାନେ ତାଙ୍କୁ ଚୁନ ଲଗାଇଛନ୍ତି । ମହିଳା ଜଣଙ୍କ ତାଙ୍କ ଅଭିଯୋଗରେ କହିଛନ୍ତି ଯେ ତାଙ୍କୁ ଇଣ୍ଟର ଆକ୍ଟିଭ ଭୟସ ରେସପନ୍ସ ବା ଆଇଭିଆର ଜରିଆରେ ନଭେମ୍ବର ୧୩ରେ ଫୋନ ଆସିଥିଲା । ମୁମ୍ବାଇରେ ତାଙ୍କ ଆଧାର କାର୍ଡ ନମ୍ବରକୁ ବ୍ୟବହାର କରି ଗୋଟିଏ ସିମ କିଣାଯାଇଛି । ଉକ୍ତ ସିମ କାର୍ଡ ଜରିଆରେ ବେଆଇନ ବିଜ୍ଞାପନ ଦିଆଯାଇଛି ଓ ମହିଳାଙ୍କୁ ହଇରାଣ କରାଯାଉଛି ବୋଲି କଲ କରିଥିବା ବ୍ୟକ୍ତି କହିଥିଲା । ଏହାପରେ ତାଙ୍କ କଲକୁ ଆଉ ଜଣେ ବ୍ୟକ୍ତି ପାଖକୁ ଟ୍ରାନ୍ସଫର କରାଯାଇଥିଲା । ସେ ନିଜକୁ ମୁମ୍ବାଇ ପୁଲିସ୍ ଅଫିସରର ପରିଚୟ ଦେଇଥିଲା । ଫୋନ କଲରେ ପ୍ରାଥମିକ ଜେରା ପରେ ମହିଳାଙ୍କୁ ସ୍କାଏପେ ଭିସିରେ ଆସିବାକୁ କୁହାଯାଇଥିଲା । ନିଜକୁ ପୁଲିସ୍ ଅଫିସରର ପରିଚୟ ଦେଇଥିବା ବ୍ୟକ୍ତି ଜଣକ ମହିଳାଙ୍କୁ ଭୟଭୀତ କରିଥିଲା । ମହିଳାଙ୍କ ନାଁରେ ମନି ଲଣ୍ଡରିଂ ମାମଲା ରହିଛି ଓ ଏନେଇ ଏଫଆଇଆର ହୋଇଛି ଓ ସୁପ୍ରିମକୋର୍ଟ ମଧ୍ୟ ମହିଳାଙ୍କ ନାଁରେ ଗିରଫ ପରୱାନ ଜାରି କରିଥିବା ଠକ ଜଣକ କହିଥିଲା ।

▶▶ପୃଷ୍ଠା ୭

## ଟ୍ରକ୍‌କୁ ପିଟିଲା କାର ୨ ମୃତ: ଜଣେ ଗୁରୁତର

ଭୁବନେଶ୍ୱର, ୦୨/୧୨ (ନି.ପ୍ର): ଭୁବନେଶ୍ୱର ସ୍ଥିତ ପାହାଳ ଛକ ନିକଟରେ ଗତକାଲି ବିଳମ୍ବିତ ରା

# ଫୁଲବାଣୀରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

କନ୍ଧମାଳ, ୦୧/୧୨ (ନି.ପ୍ର): ସ୍ଥାନୀୟ କରୋନେସନ୍ ପଡ଼ିଆରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବାର୍ତା ଥିଲା, ମତ୍ସ୍ୟ ଓ ପ୍ରାଣୀସମ୍ପଦର ଅଭିବୃଦ୍ଧି ରାଜ୍ୟର ଚାଷୀଙ୍କ ସମୃଦ୍ଧି । ଅର୍ଥାତ୍ ମାଛ ଚାଷ ସହିତ ପ୍ରାଣୀସମ୍ପଦର ବିକାଶ ନିଶ୍ଚିତରୂପେ ମାଛଚାଷୀ ଓ ପ୍ରାଣୀପାଳକ ଭାଇଭଉଣୀମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହୋଇପାରିବ । ଏହି ଉଦ୍ଦେଶ୍ୟରେ ଆୟୋଜିତ ଦୁଇଦିନିଆ ସାଧାରଣ ବୈଠକର ଉଦ୍ଘାଟନୀ ଦିବସରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର ମେଳା ଉଦ୍ଘାଟକ ଏବଂ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ଏହି ମେଳାର ଆୟୋଜନ ଜିଲ୍ଲାର ଚାଷୀ ଭାଇଭଉଣୀ ମାନଙ୍କ ପାଇଁ ସହାୟକ ହେବ । ସେମାନେ ସ୍ୱାବଲମ୍ବୀ ହେବା ସହିତ ପରିବାରର ଆର୍ଥିକ ଅଭିବୃଦ୍ଧି କରିପାରିବେ । ବୈଜ୍ଞାନିକ ପଦ୍ଧତିରେ ଚାଷକରି କମ୍ ଜମିରେ କମ୍ ଖର୍ଚ୍ଚରେ ଅଧିକ ଅମଳ କରି ଲାଭବାନ ହୋଇପାରିବେ । ସେଥିପାଇଁ ସେ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବାକୁ ସେ ଉପସ୍ଥିତ ଚାଷୀ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ସେହିପରି ସଭାପତି ଭାବେ ଯୋଗଦେଇ କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ କହିଲେ, ଆପଣମାନେ ସରକାରଙ୍କର ବିଭିନ୍ନ ଯୋଜନା, ଭତା ବିଷୟରେ ଜାଣିଛନ୍ତି । ଏହି ମେଳାରୁ ମାଛ ଚାଷ ଏବଂ ପ୍ରାଣୀ ପାଳନ ପାଇଁ ସରକାରଙ୍କର କେଉଁ କେଉଁ ସ୍କିମ୍ ରହିଛି, ସବ୍ସିଡି କେତେ ରହିଛି, ଚାଷ ପ୍ରଣାଳି, ଲାଭ ପରିମାଣ ବିଷୟରେ ଆପଣମାନେ ଜାଣିପାରିବେ । ସେହିପରି ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବା ସହିତ ତା'ର ପ୍ରୟୋଗ ଫଳରେ ଆପଣମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ମଧ୍ୟ ଏହି ମେଳାରୁ ଜାଣିପାରିବେ । ସେମାନେ ବିଭାଗୀୟ ଅଧିକାରୀଙ୍କ ଠାରୁ ଅଧିକ କିଛି ଜାଣିପାରିବେ । ଜଣେ ଲୋକ ବିଭିନ୍ନ ବିଭାଗର ସ୍କିମରୁ ଫାଇଦା ଉଠାଇପାରିବ । ଆମେ ଜିଲ୍ଲାରୁ କିଛି ଚାଷୀ ବାଛିବୁ ଯେଉଁମାନେ ମତ୍ସ୍ୟ ପୋଖରୀ ଯୋଜନାରେ ଜଳ ଛାୟା ବିଭାଗ ତରଫରୁ ପୋଖରୀ ପାଇପାରିବେ, ମତ୍ସ୍ୟ ବିଭାଗ ମାଛ ଚାଷ ପାଇଁ ସହାୟତା ଯୋଗାଇଦେବେ, ଉଦ୍ୟାନକୃଷି ବିଭାଗ ସହାୟତାରେ କଦଳୀ ଚାଷ କିମ୍ବା ଅନ୍ୟାନ୍ୟ ଫଳ ଗଛ ଲଗାଇପାରିବେ, କୃଷି ବିଭାଗ ଅର୍ଥକାରୀ ଫସଲ ପାଇଁ ସହାୟତା ଦେବେ, ପ୍ରାଣୀସମ୍ପଦ ବିଭାଗ ପ୍ରାଣୀପାଳନ ପାଇଁ ସହାୟତା ଦେବେ । ଏହି ସମସ୍ତ ବିଭାଗରୁ ସେହି ଜଣେ ବ୍ୟକ୍ତି ଅଲଗା ଅଲଗା ସବ୍ସିଡି ପାଇପାରିବ । ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ଥିତ ପ୍ରାଣୀ ଚିକିତ୍ସକଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଡଃ. ଜ୍ଞାନରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମନ୍ୱିତ ଚାଷ ଓ ଚାଷୀମାନେ କିପରି କମ୍ ମୂଳଧନରେ ଅଧିକ ଲାଭବାନ ହୋଇପାରୁଛନ୍ତି ସେ ବିଷୟରେ ବୁଝାଇଥିଲେ । ସେ କହିଲେ, ଚାଷୀମାନଙ୍କର ଚାଷ ଜମି କମିବାରେ ଲାଗୁଛି । ଜଳ ସ୍ତର ବି ଦିନକୁ ଦିନ କମୁଛି । କିନ୍ତୁ, ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇବାକୁ ପଡ଼ିବ । ସେଥିପାଇଁ ବୈଜ୍ଞାନିକ ପଦ୍ଧତି ନିହାତି ଆବଶ୍ୟକ । ସରକାର ଯେଉଁ ସବୁ ସୁବିଧା ଯୋଗାଉଛନ୍ତି ଜଣେ ଚାହିଁଲେ କମ୍ କିମ୍ବା ବିନା ମୂଳଧନରେ ଉଦ୍ୟୋଗୀ ହୋଇପାରିବ । ଉତ୍ପାଦ, ମାର୍କେଟ୍, ବ୍ରାଣ୍ଡିଂ ଇତ୍ୟାଦି ସମ୍ପର୍କରେ ଡଃ. ମିଶ୍ର ଆଲୋଚନା କରିଥିଲେ । ସେହିପରି ବୈଷୟିକ ପରାମର୍ଶଦାତା ଡଃ.ଦିଗମ୍ବର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଲେ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଅଭିବୃଦ୍ଧି ପାଇଁ ସରକାର ବିଧିବଦ୍ଧ ବ୍ୟବସ୍ଥା କରିଛନ୍ତି । ବିଶେଷକରି କରୋନା ମହାମାରୀ ସମୟରେ ଚାକିରି ହରାଇଥିବା ଯୁବଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଓଡ଼ିଶା ସରକାର ଏହା ଉପରେ ବିଭିନ୍ନ ସ୍କିମ୍ କରିଥିଲେ ତାହା ଏବେ ବି କାର୍ଯ୍ୟକାରୀ ହେଉଛି । ତେବେ କୁକୁଡ଼ା ଅଣ୍ଡା ପାଇଁ ଆହୁରି ବ୍ୟାପକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଚାଷୀ ଭାଇଭଉଣୀ ମାନଙ୍କୁ ସଚେତନ କରିବା ସହିତ ସ୍ୱାବଲମ୍ବୀ କରିବା ପାଇଁ ଏହିଭଳି ମେଳାର ଆବଶ୍ୟକ ରହିଛି । ଜିଲ୍ଲାରେ ଗୋପାଳନ ସହିତ ଦୁଗ୍ଧ ସମିତି ଗଠନ କରିବାକୁ ଡଃ. ନାୟକ ପରାମର୍ଶ ଦେଇଥିଲେ ।

# ସାଳନ୍ଦୀ ନଦୀର ଦୁର୍ବଳ ନଦୀବନ୍ଧ ଯୋଗୁଁ ୯ ପଞ୍ଚାୟତବାସୀ ହନ୍ତସନ୍ତ

## ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର: ସମାଧାନ ପାଇଁ ମିଳିଲା ପ୍ରତିଶ୍ରୁତି

ଭଦ୍ରକ, ୦୨/୧୨ (ନି.ପ୍ର): କେବଳ ଭଦ୍ରକ ଜିଲା ନୁହେଁ ପଡୋଶୀ କେନ୍ଦୁଝର, ବାଲେଶ୍ୱରରେ ସାଳନ୍ଦୀ ଜଳସେଚନ ବିଭାଜନ ଜଳସେଚନ ପାଇଁ ଗମନାଗମନ କ୍ଷେତ୍ରରେ ମଧ୍ୟ ଏହାର ନଦୀବନ୍ଧ ରାସ୍ତା ଗୁରୁତ୍ୱପୂର୍ଣ୍ଣ ଅଟେ । କିନ୍ତୁ ସବୁଠାରୁ ମହତ୍ୱ ରଖିଥିବା ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଭଦ୍ରକ ବ୍ଲକ୍‌ର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ମଧ୍ୟରେ ଥିବା ଦଇସିଂ, କାଉପୁର, ଓଲଙ୍ଗ, ରାନ୍ଦିଆ, ବାଉଦପୁର ଭଳି ୫ଟି ପଂଚାୟତ ସମେତ ବାମପାର୍ଶ୍ୱ ଅଧୀନରେ ଥିବା ଗେଲଟୁଆ, ବାଣିତିଆ, ଆମ୍ବରୋଳି ଓ ବନ୍ଧଗାଁ ଭଳି ମୋଟ ୯ଟି ପଂଚାୟତବାସୀ ଏବେ ଏହାର ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ଯେଉଁଥିପାଇଁ ଆଜି ଭଦ୍ରକ ଜିଲା ଯୁବ କଂଗ୍ରେସ ପକ୍ଷରୁ ଉପସଭାପତି ବଳରାମ ରାଉତ (ଚିଲିକା) ଙ୍କ ନେତୃତ୍ୱରେ ଜିଲା କଂଗ୍ରେସ କମିଟି ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟମହାପାତ୍ର, ବିଧାନସଭା ଯୁବ କଂଗ୍ରେସ ସଭାପତି ଇଲିୟାସ ଅଲ୍ଲୀ ଖାଁ, ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ କୁମାର ଦାସ, ଆଶିଷ କୁମାର ନାୟକ, ଅମୀୟ କୁମାର ନାୟକ, ଜ୍ଞାନରଂଜନ ବଳ, ଶମ୍ଭୁନାଥ ବାରିକ ଓ ଅମିତ କୁମାର ପଣ୍ଡା ପ୍ରମୁଖ ସାଳନ୍ଦୀ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଡ. ରତ୍ନାକର ଦଳେଇଙ୍କୁ ସାକ୍ଷାତ୍ କରି ଉପରୋକ୍ତ ରାସ୍ତାଗୁଡିକର ସ୍ଥାୟୀ ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ମୂଳେ ରାଜ୍ୟ ସରକାର ବାର୍ଷିକ ସମଗ୍ର ରାଜ୍ୟରେ ଜଳସେଚନ ବିଭାଜନ କ୍ଷେତ୍ରରେ ପ୍ରାୟ ୪୦ ହଜାର କୋଟି ଟଙ୍କାର ବଜେଟ୍ ରଖିଆସୁଥିବାବେଳେ ସାଳନ୍ଦୀ ଜଳସେଚନ ବିଭାଗ ଏହାମଧ୍ୟରେ ବେଶ୍ ପ୍ରାଧାନ୍ୟ ବହନ କରେ । ମାତ୍ର ଦୀର୍ଘ ୬/୭ ବର୍ଷ ଧରି ଉପରୋକ୍ତ ପଂଚାୟତ ଗୁଡିକ ଦେଇ ଯାଇଥିବା ନଦୀବନ୍ଧ ରାସ୍ତାଗୁଡିକର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ବିଶେଷକରି ଭଦ୍ରକ ବ୍ଲକ୍ ଅଧୀନସ୍ଥ ଦଇସିଂ ପଂଚାୟତର ଚଢେୟା ଗ୍ରାମର ଆର୍.ଡି. ୦୦ ଠାରୁ ୦୯ କିମି ପର୍ଯ୍ୟନ୍ତ ମୁଖ୍ୟ ନଦୀବନ୍ଧ ରାସ୍ତା ନଂ ୨ (ଏ) ର ଦୂରାବସ୍ଥା ନିଜେ ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ । ତେବେ ଇତିମଧ୍ୟରେ ଦୁଇ ଦୁଇଟି ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଏହି ଅଂଚଳରେ ନିଜର ଭୟଙ୍କର ରୂପ ଦେଖାଇଥିବାବେଳେ ଏହାର ପ୍ରଭାବରେ ଟୋ ୱାଲ୍ ଠାରୁ ଆରମ୍ଭ କରି ପଥର ପ୍ୟାକିଂ ଓ ପିଚୁ ରୋଡ୍ ସମେତ ବର୍ଷାଦିନରେ ହେଉଥିବା ରେନକୋଟସ୍ (ମାଟି ଧସିବା) ଓ ଖାଲଖମା ସୃଷ୍ଟି ହୋଇଛି । ଫଳସ୍ୱରୂପ କେବଳ ପଦଯାତ୍ରୀ ନୁହଁନ୍ତି ଏହି ରାସ୍ତା ଉପରେ ନିର୍ଭର କରୁଥିବା ହଜାର ହଜାର ସାଇକେଲ୍, ମୋଟର ସାଇକେଲ୍, ୪ ଚକିଆ ଯାନ ଆରୋହୀଙ୍କ ସମେତ ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଚାଷୀମାନେ ଯାତାୟତରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଏପରିକି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜରୁରୀ କାଳୀନ ପରିସ୍ଥିତିରେ ଯାତାୟତ କରୁଥିବା ଆମ୍ବୁଲାନ୍ସ ସେବା ଏହି ରାସ୍ତା ଯୋଗୁଁ ଆସିପାରୁନାହାଁନ୍ତି । ପ୍ରସୂତି ମହିଳାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ-ବୃଦ୍ଧାଙ୍କ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ମେଡିକାଲରେ ପହଞ୍ଚିବା କଠିନ ହୋଇପଡୁଛି । ଗ୍ରୀଷ୍ମଦିନରେ ଘରପୋଡି ଭଳି ଅଘଟଣରେ ଦମକଳଟିଏ ମଧ୍ୟ ଏହି ଅଂଚଳକୁ ଆସିବାକୁ କାଠିକର ପାଠ । ତେବେ ଏହି ରାସ୍ତାଘାଟ ଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ସାଳନ୍ଦୀ ଜଳସେଚନ ବିଭାଜନରେ ମାଳ ମାଳ କନିଷ୍ଠ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ରହିଥିବାବେଳେ ରାସ୍ତାଗୁଡିକର ଦୂରାବସ୍ଥାର ସୁଧାର ନେଇ କେହିବି ମୁଣ୍ଡ ପୁରାଉନାହାଁନ୍ତି । କେବଳ ଯାହା ନିର୍ବାଚନ ସମୟରେ ଶାସକ ଦଳର ଜନ ପ୍ରତିନିଧିମାନେ ଲୋକଙ୍କୁ ଭୁଆଁ ବୁଲାଇ ଭାଷଣରେ ପେଟ ପୁରାଉଛନ୍ତି । ଏଣୁ ଆଗାମୀ ଦିନରେ ଏହି ରାସ୍ତାଗୁଡିକର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରାନଗଲେ ଜିଲା ଯୁବ କଂଗ୍ରେସ ମାସକ ମଧ୍ୟରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଥିବାବେଳେ ଅଧୀକ୍ଷଣ ଯନ୍ତ୍ରୀ ଇଂ ରତ୍ନାକର ଦଳେଇ ଏହି ପ୍ରତିନିଧି ଦଳଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ନିଜେ କ୍ଷେତ୍ରୀୟ ଅନୁଧ୍ୟାନ କରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୦୨/୧୨ (ନି.ପ୍ର): କେନ୍ଦ୍ରାପଡା କୃଷି କାର୍ଯ୍ୟାଳୟ ପରିସରରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ମାନ୍ୟବର ବିଧାୟକ ଶଶି ଭୂଷଣ ବେହେରା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡ଼ଃ ମନୋଜ କୁମାର ଚାନ୍ଦ, ଆତ୍ମାର ଅଧ୍ୟକ୍ଷ ଅଶୋକ କୁମାର ବରାଳ, ଏଡିଏ ତୁଷାରକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟାଳୟଟି କୃଷକ ମାନଙ୍କର ବିଭିନ୍ନ କାର୍ଯ୍ୟରେ ଆସିବ ବୋଲି ଜଣାପଡିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳ, ସହକାରୀ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ ଓ ନିରଞ୍ଜନ ରାଉତ, କୃଷି ଅଧିଦର୍ଶକ ଅଶୋକ କୁମାର ମଲିକଙ୍କ ସହ ସମସ୍ତ କ୍ଷେତ୍ର କର୍ମଚାରୀ ଓ ବହୁ ସଂଖ୍ୟକ କୃଷକ ଉପସ୍ଥିତ ଥିଲେ ।

# ପାରାଦ୍ୱୀପଠାରେ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ପାରାଦ୍ୱୀପ, ୦୨/୧୨ (ନି.ପ୍ର): ପାରାଦ୍ୱୀପ ର ସ୍ୱେଶାଲ ସର୍କିଟ ହାଉସ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ହାର କୁ କମାଇବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଡିସେମ୍ବର ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯିବ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା କହିଲେ ଯେ, କୁଜଙ୍ଗ ପାରାଦ୍ୱୀପ ଅଂଚଳର ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ସଫଳ ହେବା ସହ ଭବିଷ୍ୟତରେ ଦୁର୍ଘଟଣା ଜନିତ ମୃତ୍ୟୁକୁ ରୋକାଯାଇପାରିବ । ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନିର୍ମଳ ମହାନ୍ତି ରାଜ୍ୟ ପରିବହନ ଆୟୋଗ ପକ୍ଷରୁ ଜାରି କରାଯାଇଥିବା ଏସ୍ ଓ ପି ର ପ୍ରତିଟି ବିଷୟ ଉପରେ ରେ ବିଷଦ ଆଲୋଚନା କରିଥିଲେ । ସଡକ ଦୁର୍ଘଟଣା ରୋକିବାରେ ସହଯୋଗ କରିବା ପାଇଁ ସାତଟି ବିଭାଗ ର ଗୁରୁଦାୟିତ୍ୱ ରହିଛି । ପ୍ରଥମେ ସେ ପରିବହନ ବିଭାଗ କୁ ଦୁର୍ଘଟଣା ର ମୁଖ୍ୟ କାରଣ ରୂପେ ଦ୍ରୁତ ଗାଡ଼ିଚାଳନା, ବିନା ହେଲମେଟ ରେ ଯାତ୍ରା, ଚାରି ଚକିଆ ଯାନ ଚଳାଇବା ସମୟରେ ସିଟ ବେଲ୍ଟ ନ ବାନ୍ଧିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର କରିବା, ନିଶାସକ୍ତ ଅବସ୍ଥା ରେ ଗାଡି ଚାଳନା, ପ୍ରତିଯୋଗିତା ମୂଳକ ଗାଡି ଚାଳନା, ୧୮ ବର୍ଷ ରୁ କମ୍ ବୟସର ପିଲା ମାନଙ୍କ ଦ୍ୱାରା ଗାଡି ଚାଳନା , ବେଆଇନ ପାର୍କିଂ, ଭୁଲ ଜାଗାରେ ଦୀର୍ଘ ସମୟ ଧରି ପାର୍କିଂ ଆଦି ଉପରେ ରୋକ୍ ଲଗାଇବାକୁ କହିଥିଲେ । ପୋଲିସ ବିଭାଗ ସହ ଯୋଗାଯୋଗ କରି ଦୁର୍ଘଟଣା ବ୍ଲାକ୍ ସ୍ପଟ ଚିହ୍ନଟ ଓ ଏହାର ନିରାକରଣ କରିବାପାଇଁ ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ଜିଲ୍ଲା ରେ ଥିବା ବ୍ଲାକ ସ୍ପଟ ଅଞ୍ଚଳ ରେ ସିଗନାଲ୍, ସାଇନ ବୋର୍ଡ ଓ ରମ୍ବଲର ନିର୍ମାଣ କରିବା ସହ ସମସ୍ତ ଥାନା ଅଧିକାରୀ ମାନଙ୍କୁ ଥାନା ଗୁଡିକରେ ଏ ନେଇ ସଚେତନତା ଜାରି କରିବା ଓ ଟ୍ରାଫିକ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି କୁ ଘଟଣା ସ୍ଥଳରେ ହିଁ ସଚେତନ କରାଇବା ପାଇଁ କୁହାଯାଇଥିଲା । ପୋଲିସ ପକ୍ଷରୁ ଆମ୍ବୁଲାନ୍ସ, ଟ୍ରମା କେୟାର ତଥା ଫାଷ୍ଟ ରେସପଣ୍ଡର ସହ ଯୋଗାଯୋଗ ରଖିବା, କୌଣସି ଜାଗାରେ ଦୀର୍ଘ ସମୟ ଧରି ଚାଳକ ବିହୀନ ଗାଡି କୁ ତୁରନ୍ତ ହଟାଇବା ସହ ନିଶାସକ୍ତ ଅବସ୍ଥା ରେ ଗାଡି ଚଳାଉଥିବା ବ୍ୟକ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଆଲୋଚନା ହୋଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରେ ସ୍ୱାସ୍ଥ୍ୟ ବିଭାଗ ର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଆର୍ ଟି ଓ କହିଲେ ଯେ, ସ୍ୱାସ୍ଥ୍ୟ ବିଭାଗ ଦୁର୍ଘଟଣା ପ୍ରବଣ ଅଂଚଳରେ ଆମ୍ବୁଲାନ୍ସ ର ଉପସ୍ଥିତି, ଜି ପି ଏସ୍ ସୁବିଧା ସହ ୧୦୮ ଆମ୍ବୁଲାନ୍ସ ଯୋଗାଇଦେବା ସହ ଦୁର୍ଘଟଣା ର ୪୮ ଘଣ୍ଟା ମଧ୍ୟରେ ମାଗଣାରେ ଟ୍ରମା କେୟାର ଯୋଗାଇଦେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ଅନ୍ୟ ପକ୍ଷରେ ରାସ୍ତା ନିର୍ମାଣ କ୍ଷେତ୍ରରେ ଜାତୀୟ ରାଜପଥ ପ୍ରାଧିକରଣ କୁ ରାସ୍ତା ଗୁଡିକର ପଟ୍ ହୋଲ ମରାମତି, ନିର୍ମାଣ କାର୍ଯ୍ୟ ଚାଲୁଥିବା ଜାଗା ଏବଂ ଦରକାରି ଜାଗା ଗୁଡିକରେ ରେଟ୍ରୋରି ଫ୍ଲେକଟିଭ ଲଗାଇବା, ଦୃଷ୍ଟି ଆକର୍ଷଣ କରୁଥିବା ବିଜ୍ଞାପନ ଗୁଡିକୁ ହଟାଇବା ସହ ଷ୍ଟ୍ରିଟ ଲାଇଟ ଓ ସାଇନେଜ ଲଗାଇବାପାଇଁ କହିଥିଲେ । ସେହିପରି ଶିକ୍ଷା ବିଭାଗ ପକ୍ଷରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ,ସାଇକ୍ଲୋଥନ, ମାରାଥନ ଆଦିର ଆୟୋଜନ ,ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇବା, ପ୍ରାର୍ଥନା ସଭାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଧାରଣା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗୃହ ଓ ସହର ବିକାଶ ବିଭାଗ କୁ ରାସ୍ତା କଡରେ ବୁଲା କୁକୁର ଓ ଗୋରୁଗାଈ ମାନଙ୍କୁ ହଟାଇବା, ବେଆଇନ ପାର୍କିଂ ଓ ଅଧିଗ୍ରହଣ ଉପରେ ରୋକ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଓ ଏସ୍ ଆର୍ ଟି ସି କୁ ଡ୍ରାଇଭର ମାନଙ୍କର ସେନ୍ସିଟାଇଜେସନ କରିବାପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଏଥି ସହିତ ଇଫକୋ, ପି ପି ଏଲ, ଆଇ ଓ ସି ଏଲ, ବି ପି ସି ଏଲ ଟର୍ମିନାଲ୍ ହେଡସ ଏବଂ ଏନ ଜି ଓ ସଂସ୍ଥା ଗୁଡିକୁ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କୁହାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଆରକ୍ଷୀ ଅଧୀକ୍ଷକ ପାରାଦ୍ୱୀପ, ପାରାଦ୍ୱୀପ ଲକ,ଆଦର୍ଶ ଥାନା, ମେରାଇନ ଥାନା, ଅଭୟଚନ୍ଦ୍ରପୁର ଥାନା, ଜଟାଧାରୀ ମୁହାଣ ମେରାଇନ ଥାନା ର ଭାରପ୍ରାପ୍ତ ଅଧିକାରୀ, ପାରାଦ୍ୱୀପ ପୌର ପରିଷଦର ନିର୍ବାହୀ ଅଧିକାରୀ, ଚଣ୍ଡିଖୋଲ ଏନ ଏଚ ଏ ଆଇ ର ସଭ୍ୟ, ଡମ୍ପର ଆସୋସିଏସନ, ପାରାଦ୍ୱୀପ ପରିବହନ ଲିମିଟେଡ ର କର୍ମକର୍ତ୍ତା,ଇଡକୋ,ପି ପି ଏଲ, ବିପି ସି ଏଲ, ଆଇ ଓ ସି ଏଲ, ଏଚ ପି ସି ଏଲ ର ଟର୍ମିନାଲ୍ ହେଡସ,ଏନ ଜି ଓ ଆହ୍ୱାନ ର କର୍ମକର୍ତ୍ତା,ସି ଆଇ ଏସ ଏଫ ର ଡେପୁଟି କମାଣ୍ଡାଣ୍ଟ, ପାରାଦ୍ୱୀପ ଚିକିତ୍ସାଳୟର ଡାକ୍ତର, ବସ୍ ଟ୍ରକ୍ ସଙ୍ଘ ର କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ ।

# ୪ ଦିନ ହେଲା ବ୍ରହ୍ମପୁର ସହରକୁ ପାନୀୟ ଜଳ ଯୋଗାଣ ବନ୍ଦ: ଲୋକେ ଡହଳବିକଳ

ଗଞ୍ଜାମ, ୦୨/୧୨ (ନି.ପ୍ର): ପାନୀୟ ଜଳ ପାଇଁ ବ୍ରହ୍ମପୁର ସହରବାସୀ ୪ ଦିନ ହେଲା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜାନିବିଲି ପ୍ରକଳ୍ପରୁ ପାଇପ୍ ଯୋଗେ ବ୍ରହ୍ମପୁର ସହରବାସୀଙ୍କୁ ପାନୀୟ ଜଳ ଯୋଗାଣ ହେଉ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୩ ଡିସେମ୍ବର ୨୦୨୩
email : rabibarachayan2015@gmail.com

# ରବିବାର ଚୟନ



.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

# ବୈଦେହୀ

### ଡ.ଭାଗବତ ବେହେରା

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୮

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସୀତେ! ଅତି ଆବେଗରେ ସେ ମୋତେ କୋଳକୁ ଟାଣି ନେଇଥିଲେ ।

ଆଃ କି ଶାନ୍ତି, କି ତୃପ୍ତି, କି ଆନନ୍ଦ, କି ମଧୁର ଆଶ୍ଳେଷ । ତାହା ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଭୁଲିପାରିବି ନାହିଁ ସୁଧାମୟୀ । ସେ ସୁଖ ମୋ ହୃଦସ୍ଥଳରେ ସବୁଦିନ ପାଇଁ ସୁଧା ପୁଷ୍ପଟିଏ ହୋଇ ଫୁଟି ରହିଥିବ। ଏହାପରେ ପ୍ରଭୁ ମୋର ମୋତେ କୋଳରେ ଧାରଣକରି ମୋ ଉପରେ ଆଞ୍ଜୁଳା ଆଞ୍ଜୁଳା ଫୁଲ ଆଣି ବିଞ୍ଚି ଦେଇଥିଲେ । ମୋତେ ସ୍ନେହ, ପ୍ରେମର ଆଶ୍ଳେଷରେ ବାନ୍ଧିଦେଇ କହିଥିଲେ, "ଦେବୀ ଏଇ ଦେଖୁଛ ଗୃହକୋଣରେ ଜଳି ଉଠୁଥିବା ସେ ଦୀପଶିଖାକୁ । ଏ ଦୀପ ଆମ ଜୀବନ ଆରମ୍ଭର ସାକ୍ଷୀ, ଆଉ ଶେଷବେଳରେ ହେବ ଆମର ଶେଷ ସାକ୍ଷୀ । ଆସ ଦେବୀ ସେ ଦୀପକୁ ଛୁଇଁ ଆମେ ଶପଥ ନେବା ସାରାଜୀବନ ଆମେ ଦୀପ ଭଳି ଜଳିଜଳି ଶେଷ ହୋଇଯିବା ପଛେ, ହାରି ଯିବା ନାହିଁ କି ଲିଭିଯିବା ନାହିଁ ।" ଏହାକହି ମୋ ହାତଧରି ସେ ଦୀପ ପାଖକୁ ନେଇ ଯାଇଥିଲେ । ଦୀପ ପାଖରେ ଥୁଆ ହୋଇଥିବା ସିନ୍ଦୂର ଫରୁଆରୁ ସିନ୍ଦୂର ଆଣି ମୋ ମସ୍ତକରେ ପିନ୍ଧାଇ ଦେଇ ସେ କହିଥିଲେ "ବୈଦେହୀ! ବିବାହ ବେଦୀରେ ତୁମ ମସ୍ତକରେ ପ୍ରଥମ ସିନ୍ଦୂର ମୁଁ ପିନ୍ଧାଇଥିଲି । ଆଜି ବାସର ରଜନୀରେ ଦ୍ୱିତୀୟଥର ପାଇଁ ତୁମ ମସ୍ତକରେ ସିନ୍ଦୂର ପିନ୍ଧାଇଦେଲି । ଏ ସିନ୍ଦୂର ଆମ ସ୍ନେହ, ପ୍ରେମର ସାକ୍ଷୀ । ପ୍ରତ୍ୟହ ପ୍ରାତଃକାଳରେ ସ୍ନାନମାର୍ଜନ ସାରି ଏ ସିନ୍ଦୂର ତୁମେ ମସ୍ତକରେ ଧାରଣ କରିବ । ସତୀ, ସ୍ୱାଧୀ, ପତିବ୍ରତା ନାରୀର ସନ୍ତକ ହେଉଛି ଏ ସିନ୍ଦୂର । ପ୍ରତ୍ୟେକଦିନ ସୁଖ, ଦୁଃଖ, ବିପଦ, ଆପଦ ଯେତେ ଆସିଲେ ବି ତୁମେ ଏ କର୍ମରୁ ବଞ୍ଚିତ ହେବନାହିଁ । ଏହା ପ୍ରତ୍ୟେକ ସଧବାନାରୀଙ୍କ ପାଇଁ ରକ୍ଷା କବଚ । ଏହାର ଅବହେଳା ନାରୀ ଜୀବନରେ ଅନେକ ଦୁଃଖକୁ ଟାଣି ଆଣିଥାଏ । ଅତି ଆନନ୍ଦରେ ମଜ୍ଜି ଯାକୁ ଭୁଲିବ ନାହିଁ, ଅଥବା ଅତ୍ୟନ୍ତ ଦୁଃଖରେ ମଧ୍ୟ....

ପ୍ରଭୁଙ୍କ ତୁଣ୍ଡର କଥାକୁ ସମାପ୍ତ କରିବାକୁ ନଦେଇ ମୁଁ କହିଥିଲି ସ୍ୱାମୀ, "ଏକଥା ମୋତେ ମୋ ମା' ମାନେ ଶିଖାଇ ଦେଇଛନ୍ତି । ତା' ଛଡ଼ା କିଛି ଶାସ୍ତ୍ର ଅଧ୍ୟୟନ କରି ମୁଁ ଏହା ଶିଖିଛି । ସିନ୍ଦୂର ସଧବା ନାରୀଙ୍କର ମନ, ପ୍ରାଣ, ସ୍ନେହ, ପ୍ରେମ, ଭାବ, ଭକ୍ତି ସବୁକିଛି । ଏହା ସ୍ୱାମୀର ମଂଗଳକାରକ । ଆପଣଙ୍କର ଏ ଉପଦେଶ ସୀତାର ଚିରଦିନ ମନେରହିବ ସ୍ୱାମୀ । ଏ ଜୀବନରେ କେବେବି ମୁଁ ଏହାର ଅବମାନନା କରିବି ନାହିଁ ।"

ମୋର ଶିରଚୁମ୍ବନ କରି ସେ କହିଥିଲେ, "ସୀତେ! ଆଜିର ଏ ମଧୁଲଗ୍ନରେ ତୁମ ସ୍ୱାମୀ ରାମଚନ୍ଦ୍ର ଆଉ ଏକ କଠୋର ଶପଥ କରିବାକୁ ଯାଉଛନ୍ତି ।

କଠୋର ଶପଥ ଶୁଣି ମୁଁ ଚମକି ଉଠିଥିଲି ।

ମୋତେ ଚମକି ଉଠିବାର ଦେଖି ସେ କହିଥିଲେ, "ଦେବୀ ମୁଁ ଯେଉଁ ଶପଥ ନେବାକୁ ଯାଉଛି ସେ ଆମ ଉଭୟଙ୍କ ପାଇଁ ମଂଗଳଦାୟକ। ଏହି ଜଳୁଥିବା ଦୀପଶିଖାକୁ ଛୁଇଁ ମୁଁ ଶପଥ କରି କହୁଛି, ତଥା ମୋ ଇଷ୍ଟଦେବ ସୂର୍ଯ୍ୟ ନାରାୟଣ, ମୋର ପୂର୍ବପୁରୁଷ, ପିତାମାତା, ଗୁରୁଜନ, ତେତ୍ରିଶକୋଟି ଦେବତା ମଣ୍ଡଳୀ ଦଶଦିଗପାଳ, ବାୟୁ, ଆକାଶ, ଅଗ୍ନି, ପୃଥିବୀ ଆଦି ପଞ୍ଚମହାଭୂତକୁ ସାକ୍ଷୀ ରଖି କହୁଛି, ପୂର୍ବର ସୂର୍ଯ୍ୟ ବରଂ ପଶ୍ଚିମରେ ଉଦୟ ହେବେ, ପର୍ବତ ଶିଖରରେ ହୁଏତ ପଦ୍ମ ଫୁଟିଯିବ, ତଥାପି ରାମର ଏ ବଚନ, ଏ ସତ୍ୟ କେବେବି ଖଣ୍ଡିତ ହେବନାହିଁ । ଜୀବନରେ ସହସ୍ର ବାଧାବିଘ୍ନ ଆସିଲେ ବି ରାମ ସୀତା ବ୍ୟତିରେକେ ଦ୍ୱିତୀୟ ନାରୀର ସ୍ୱପ୍ନ କେବେବି ଦେଖିବ ନାହିଁ । ଆଜିଠୁଁ ରାମ ସୀତାର, କେବଳ ସୀତାର ।"

ପ୍ରଭୁ! ପ୍ରଭୁ କହି ମୁଁ ଲୋଟି ଯାଇଥିଲି ତାଙ୍କ ପାଦତଳେ । କାନ୍ଦିକାନ୍ଦି କହିଥିଲି, "ସ୍ୱାମୀ ଆପଣଙ୍କର ଅଭାଗିନୀ ପତ୍ନୀ ବସୁଧା କନ୍ୟା ସୀତା ମଧ୍ୟ ଏ ଦୀପଶିଖା ଛୁଇଁ, ମୋ ମାତା ବସୁଧା ନାମରେ ଶପଥ ନେଇ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରମଣ୍ଡଳୀ ସର୍ବ ଦେବାଦେବୀ, ଯକ୍ଷ, ରକ୍ଷ, ମାନବ, ମୁନିଋଷି ଏପରିକି ସର୍ବୋପରି ତନୁ, ମନ, ପ୍ରାଣ ସବୁର ଯେ ଚିର ଅଧିନାୟକ ସେହି ମୋର ସ୍ୱାମୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପାଦ ଛୁଇଁ ତ୍ରିବାର ଶପଥ କରି କହୁଛି କେବଳ ଏ ଜନ୍ମପାଇଁ ନୁହେଁ, ଜନ୍ମଜନ୍ମ ସାତଜନ୍ମ ପାଇଁ ସୀତା ରାମ ବ୍ୟତିରେକେ ଆଉ କୌଣସି ପୁରୁଷଙ୍କୁ ସ୍ୱପ୍ନରେ ସୁଦ୍ଧା ଦେଖିବ ନାହିଁ କି କଳ୍ପନା ମଧ୍ୟ କରିବ ନାହିଁ । ଏହା ମୋର ଶପଥ ନୁହେଁ, କଠୋର ପ୍ରତିଜ୍ଞା ।"

ସୀତେ! ମୋତେ ତଳୁ ଉଠାଇ କୋଳକରି ନେଇଥିଲେ ମୋର ସ୍ୱାମୀ!

କାନ୍ଦିକାନ୍ଦି ମୁଁ ଲୋଟି ଯାଇଥିଲି ତାଙ୍କ ବକ୍ଷରେ।

ମୋତେ ଫୁଲପରି ତୋଳି ନେଇ ପୁଷ୍ପଶଯ୍ୟା ଉପରେ ବସାଇ ଦେଇ ମୋ ସ୍ୱାମୀ କହିଥିଲେ, 'ନରଜନ୍ମ ମୋର ସାର୍ଥକ ହୋଇଗଲା ଦେବୀ । ତୁମଭଳି ପତ୍ନୀ ପାଇ ରାମ ଜୀବନରେ ଆଜି ଠୁଁ ଚିରଦିନ ପାଇଁ ପ୍ରବାହିତ ହେବ ସ୍ନେହ, ପ୍ରେମ, ପ୍ରୀତିର ଗଂଗା, ଯମୁନା, ସରସ୍ୱତୀର ପବିତ୍ରଧାରା । ଦେବୀ ଆଜିଠୁଁ ଗୋଟାଏ ସୂତ୍ରରେ ବାନ୍ଧି ହେଲୁ ଆମେ । କାହିଁ ମିଥିଳା ନଗର ଆଉ କାହିଁ ଅଯୋଧ୍ୟାପୁରୀ । ଦୁଇଟି କୁଳ, ଦୁଇଟି ଦେଶ, ଦୁଇଟି ଶରୀର, ଦୁଇଟି ଆତ୍ମା, ଦୁଇଟି ପରିବାରକୁ ଆମେ ଆଜି ସୂକ୍ଷ୍ମ ସୂତ୍ରରେ ବାନ୍ଧିଦେଲୁ । ରଘୁବଂଶର ଜ୍ୟେଷ୍ଠ ବଧୂ ତୁମେ । ଏ ପରିବାରର ମାନ, ସମ୍ମାନ, ହାନି, ଲାଭ, ରକ୍ଷଣାବେକ୍ଷଣ ସବୁ ନିର୍ଭରକରେ ତୁମ ଉପରେ । ତୁମେ ତୁମର ସ୍ନେହ, ପ୍ରେମ, ମମତା, ବିନୟ, ଶ୍ରଦ୍ଧାର ଅମୃତଧାରା ବୁହାଇ ମୋର ପିତା, ତିନିମାତା, ତିନି କନିଷ୍ଠଭ୍ରାତା, ତାଙ୍କ ପତ୍ନୀ, ଏ ଘରର ସମସ୍ତ ସଦସ୍ୟ, ଅତିଥି ଅଭ୍ୟାଗତ, ମାନ୍ୟଗଣ୍ୟ ବ୍ୟକ୍ତି, ସାଧୁ, ସନ୍ଥ, ମୁନିଋଷି ସାଧାରଣ ପ୍ରଜା ଏପରିକି ଏ ଘରର ଦାସଦାସୀଙ୍କ ପ୍ରତି ତୁମର ଶ୍ରଦ୍ଧା, ସ୍ନେହ, ପ୍ରେମ ଭକ୍ତି କାହାରି ପ୍ରତି ଯେମିତି ଉଣା ନହୁଏ । ଯଥାମାନ୍ୟ ଦେଇ ତୁମେ ସମସ୍ତଙ୍କ ମନ ତୋଷିବ ଦେବୀ ।

ଆପଣଙ୍କର ଏ କଥାକୁ ସୀତା ଦେବବାକ୍ୟ ମଣି ଅକ୍ଷରେ ଅକ୍ଷରେ ପାଳନ କରିବ ପ୍ରଭୁ । ଏ ପିଣ୍ଡରେ ପ୍ରାଣ ଥିବା ପର୍ଯ୍ୟନ୍ତ ଏ କର୍ମରେ ମୁଁ କେବେବି ହେଳା କରିବି ନାହିଁ । ଆପଣଙ୍କର ସବୁ କଥା ଶୁଣି ସାରିବା ପରେ ମୁଁ ମଧ୍ୟ ଆପଣଙ୍କ ଠାରୁ ଏକ ପ୍ରତିଶ୍ରୁତି ଚାହୁଁଛି ପ୍ରଭୁ । ଯଦି ଆପଣ ଆଦେଶ ଦେବେ....

କୁହ କୁହ ସୀତେ ଅଟକିଗଲ କାହିଁକି ? ତୁମ ମନର ଅକୁହା କଥାକୁ ନିର୍ବିଘ୍ନ, ନିର୍ଦ୍ୱନ୍ଦ୍ୱରେ ମୋ ନିକଟରେ ପ୍ରକାଶ କର ।

ଆପଣଙ୍କ ଶ୍ରୀଚରଣରେ ମୋର ଏତିକି ପ୍ରାର୍ଥନା ପ୍ରଭୁ ଜୀବନରେ ଯେତେ ଦୁଃଖ ସୁଖ ଆସିଲେ ଯେତେ ବାଧାବିଘ୍ନ ଆସିଲେ ବି ଆପଣ ଏ ଦାସୀକୁ ପାଖରୁ ଦୂରେଇ ଦେବେନାହିଁ । ଆପଣଙ୍କ ଶ୍ରୀଚରଣ ସେବାରୁ ମୋତେ କେବେବି ବଞ୍ଚିତ କରିବେ ନାହିଁ ।

ପିତାଙ୍କ ଅନ୍ତେ ମୋତେ ଅଯୋଧ୍ୟାର ରାଜ ସିଂହାସନରେ ବସିବାକୁ ପଡ଼ିବ ସଖୀ । ପ୍ରଜାଙ୍କୁ ସୁଶାସନ ଦେବା, ପ୍ରଜାଙ୍କ ହିତ ପାଇଁ କାର୍ଯ୍ୟ କରିବା ମୋର ଧର୍ମ । ରାଜ କାର୍ଯ୍ୟରେ ବ୍ୟସ୍ତରହି, ମୁଁ ଯଦି କେତେବେଳ ତୁମ ପାଖରେ ନଥାଏ, ମୋତେ ଭୁଲ୍ ବୁଝିବ ନାହିଁ । ରାମ ପାଖରେ ଥିଲେ ବି ତୁମର ଦୂରରେ ଥିଲେ ବି ତୁମର । ଏ ଅନ୍ତର ଭିତରୁ ତୁମକୁ କେହି ଅଲଗା କରିପାରିବେ ନାହିଁ ଦେବୀ । ଦୁର୍ଭାଗ୍ୟବଶରୁ ଯଦି ମୁଁ କୌଣସି କାଳେ ତୁମ ପାଖରେ ନଥାଏଁ, ତାହେଲେ ତୁମ ଅନ୍ତରରେ ପ୍ରତିବିମ୍ବିତ ହେଉଥିବା ରାମର ପଦସେବା ତୁମେ କରିପାରିବ ଦେବୀ ଜାନକୀ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

## ସାଂପ୍ରତିକୀ...

# ରେଗିଂ ଏକ ସାମାଜିକ ବ୍ୟାଧି

### ଅରୁଣ କୁମାର ତ୍ରିପାଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ) ଆଉ ଜଣଙ୍କର ମତର ଭୟ ଥିଲେ ଭକ୍ତି ଆସେ, ତେଣୁ ରେଗିଂକରି ସେମାନେ ଏତେ ଭୟ ଦେଖେଇଦେବେ ଯେ, ଭକ୍ତି ଆପେ ଆପେ ଝରିପଡିବ ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ରେଗିଂ ରୋକିବା ନିମନ୍ତେ ଆଣ୍ଟି ରାଗିଂ କମିଟି ଗଠନ କରିବାକୁ ସୁପାରିଶ କରିଅଛି, ଯୋଉଥିରେ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ସହ ଜଣେ ବରିଷ୍ଠ ଆଧ୍ୟାପକ, ଜଣେ ଅଭିଭାବକ, ପ୍ରଥମ, ଦ୍ୱୀତିୟ ତଥା ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ସହ ପ୍ରଶାସନ କ୍ଷେତ୍ରରେ ନିୟୋଜିତ ଅଣଶିକ୍ଷକ କର୍ମଚାରୀ ରହିବେ । ଏହି କମିଟି ନିୟମିୟ ବ୍ୟବଧାନରେ ବିନା ନିର୍ଦ୍ଦେଶରେ ହଷ୍ଟେଲ, କ୍ୟାଣ୍ଟିନ, ଶୌଚାଳୟ, ହତା ଆଦି ସ୍ଥାନରେ ଯାଇ ଯାଞ୍ଚ କରିବେ ତଥା ଏହାର ମୂଲ୍ୟାୟନ ମଧ୍ୟ ଶିକ୍ଷାନୁଷ୍ଠାନ ମୁଖ୍ୟ କରିବେ । ଛାତ୍ରଛାତ୍ରୀ ନାମଲେଖା ସମୟରେ ଅନ୍ ଲାଇନରେ ଆଣ୍ଟି ରେଗିଂ ଘୋଷଣାନାମା ପୂରଣ କରିବେ, ପ୍ରତି ସପ୍ତାହରେ କୁଳପତିଙ୍କୁ ସେହି କମିଟିର ରିପୋର୍ଟ ଦିଆଯିବା, ଆଣ୍ଟି ରେଗିଂ କର୍ମଶାଳାର ଆୟୋଜନ, ବିଭିନ୍ନ ସ୍ଥାନରେ ରେଗିଂ ବିରୋଧରେ ବାର୍ତ୍ତା ଉଲ୍ଲେଖ, ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ସ୍ଥାପନା ଆଦି ନିର୍ଦ୍ଦେଶାନାମା ରହିଅଛି ।

ଦଣ୍ଡ ଭାବେ ରେଗିଂ କରୁଥିବା ବିଦ୍ୟାର୍ଥୀଙ୍କ ବୃତ୍ତି, ପ୍ରୋତ୍ସାହନ ବନ୍ଦ, ବଳକା ଥିବା ପରୀକ୍ଷା ଦେବାକୁ ବାରଣ, ପରୀକ୍ଷା ଫଳ ପ୍ରକାଶିତ ନକରିବା, ନାମ ଉପସ୍ଥାନରୁ କାଟିବା, ୨୫ ହଜାରରୁ ଏକ ଲକ୍ଷ ପର୍ଯ୍ୟନ୍ତ ଜୋରିମନା, ଥାନାରେ ଏତଲା ତଥା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆଉ କୌଣସି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ନିମନ୍ତେ ମଧ୍ୟ ବାରଣ କରିବାର ବ୍ୟବସ୍ଥା ସରକାର କରିଛନ୍ତି, କିନ୍ତୁ ବିନାଭ୍ୟାସେ ବିଷଂ ବିଦ୍ୟା ଭଳି ଏହି ସବୁ ଘଟଣାବଳୀ କ୍ରିୟାନ୍ୱୟନ ନହେଲେ କଙ୍କଡାକୁ ଗୋଳିପାଣି ସୁହାଉଛି ।

ବିଦ୍ୟାର୍ଥୀନିବାସରେ ପ୍ରଶାସନ ନିମନ୍ତେ ମଧ୍ୟ ସୁପରିକଳ୍ପିତ ବିଧି ରହିଅଛି, କିନ୍ତୁ କର୍ମଚାରୀ ଅଭାବରେ ତଥା ବହୁବିଧ ପ୍ରତିବନ୍ଧତା କାର୍ଯ୍ୟକ୍ରମକୁ ଠିକ୍ ଭାବରେ ସମ୍ପନ୍ନ କରାଉନି । ପ୍ରତି ହଷ୍ଟେଲରେ ୫୦ ପିଲାଙ୍କ ନିମନ୍ତେ ଜଣେ ପ୍ରାବନ୍ଧିକ, ଜଣେ ମନସ୍ତତ୍ତ୍ୱବିତ୍, କିଛି ସୁରକ୍ଷା କର୍ମୀ, ସେବିକା, ସଫେଇ କର୍ମଚାରୀ, ସହାୟକ ତଥା ରାନ୍ଧୁଣିଆ, କିରାଣୀ ତଥା ସହାୟକ ରହିବେ, ଆମ ପ୍ରଦେଶରେ କୋଉ ଗୋଟେ ଅନୁଷ୍ଠାନ ଖୋଜି ହବନି ଯୋଉଥିରେ ଏସବୁ ପଦବୀରେ ଲୋକ ଅବସ୍ଥାପିତ ରହିଥିବେ । ପୃଥିବୀର ଯେକୌଣସି ସ୍ଥାନରେ ଅଣବିକଶିତ ଅବସ୍ଥା ବିକାଶକୁ ନିରୁତ୍ସାହିତ କଲାଭଳି ଏହି ପଦବୀରେ ମୁରବି ଶୂନ୍ୟତା ବିଶୃଙ୍ଖଳା ପାଇଁ କିଛି କାଂଶରେ ଦାୟୀ । କିନ୍ତୁ ଯଦି ଆମେ ୭୦ ଦଶକରୁ ଏହି ଶତାବ୍ଦୀର ଅୟମାରମ୍ଭ ସମୟ ଦେଖିବା ତେବେ, ଏମିତି ସବୁ ପ୍ରାବିଧାନ ବିନା ମଧ୍ୟ ସୁରୁଖୁରୁରେ କଲେଜ ତଥା ବିଶ୍ୱବିଦ୍ୟାଳୟ ପରିଚାଳନା ହେଇପାରୁଥିଲା । ତେବେ ପ୍ରଶ୍ନ ଉଠେ ବର୍ତ୍ତମାନର ଲାଳନ ପାଳନ ଅବା ସାମାଜିକ ଗଣମାଧ୍ୟମର କୁପ୍ରଭାବ ପଡୁଛି କି ଆମ ବିଦ୍ୟାର୍ଥୀଙ୍କ ଉପରେ ?

ତେବେ ଲାଳନ ପାଳନ କଥା ଯଦି ଦେଖିବା ଆମ ସମାଜରେ ବର୍ତ୍ତମାନ ଛୁଆ ମାନଙ୍କୁ ତମେ ବୋଲି ସମ୍ବୋଧନ କରାଯାଉଛି ।

ପ୍ରତିକଥାରେ ସରଗର ଚାନ୍ଦ ଦେବାଭଳି ପ୍ରତିଶ୍ରୁତି ତଥା ପ୍ରତିବଦ୍ଧତା ରହୁଛି ବିଶେଷକରି ଗୋଟିଏ ସନ୍ତାନ ଜନ୍ମକରିଥିବା ଅଭିଭାବକଙ୍କ ମଧ୍ୟରେ । ଆଉ ଛୁଆମାନେ ବି ଛୁଆବେଳୁ ନିଜକୁ ଖୋଜୁନାହାନ୍ତି, ଗୁଗଲ ଯୋଗୁ ନିଜକୁ ଅନ୍ୟ ଗୁରୁଜନଙ୍କ ନିକଟରେ ପରିପ୍ରକାଶ କରି ନିଜର ସନ୍ଦେହ ଉନ୍ମୋଚନ କରେଇ ପାରୁନାହାନ୍ତି । ଫଳତଃ ସବୁ ସମସ୍ୟା ଗୁଗଲରେ ଖୋଜା ଚାଲୁଛି। ଗୁଗଲ ସବୁ ଦିଏ କିନ୍ତୁ ସ୍ନେହ ଆଦର ଦେଇପାରେନି ଅବା ଦୁର୍ବଳ ସମୟରେ ଭରସା ଦେଇପାରେନି।

ତେବେ ସମାଧାନ କଣ ? ନିଜେ ସଚେତନ ହବା ସହ ସାମାଜକୁ ସୁଧାରିବା ସମସ୍ତଙ୍କ କର୍ତ୍ତବ୍ୟ । ଯଦି ପ୍ରତିଦିନ ବିଦ୍ୟାର୍ଥୀ ସକାଳେ ଓ ସଂଜରେ ଦିଓଳା ଯୋଗ ଏବଂ ପ୍ରାଣାୟମ କରେ, ତେବେ ଅନେକ ସମସ୍ୟାର ସମାଧାନ ହେଇପାରିବ। ଶିକ୍ଷମ ସମାଜ ମଧ୍ୟ ସଚେତନ ହେବା ଆବଶ୍ୟକ । ଘର ବାହାରେ ଛୁଆ ମାନେ ଆଉ ଏକ ଘରୋଇ ପରିବେଷରେ ରହୁଛନ୍ତି ସେୟା ସମସ୍ତେ ହୃଦୟଙ୍ଗମ କରିବା ଆବଶ୍ୟକ । ବିଦ୍ୟାର୍ଥୀନିବାସ ରହିବା ସ୍ଥାନରେ ସଂପୃକ୍ତ ଅଞ୍ଚଳର ଏକ କାର୍ଯ୍ୟକାରୀ ଅଭିଭାବକ ନିଯୁକ୍ତି ମଧ୍ୟ ପିତମାତା କରିପାରିବେ । ଯେତେ ବଡ ତଥା ସାଙ୍ଘାତିକ ବିଷୟ ହେଉ, ନିଜର ଇଜ୍ଜତ ମହତ ର ପ୍ରଶ୍ନ ମଧ୍ୟ ଉଠୁଥାଉ, ଭାରତୀୟ ନ୍ୟାୟ ବ୍ୟବସ୍ଥା ତଥା ସାଇବର ଥାନା ମଧ୍ୟମରେ ସବୁ ଖରାପ କାମ ସମୂଳେ ନାଶ କରାଯାଇପାରିବ ଯାହା ସମସ୍ତେ ଜାଣିବା ଉଚିତ । ସବୁ ସମସ୍ୟାର ସମାଧାନ ରହିଛି ଯାହା ଆଲୋଚନାରେ ସମ୍ଭବ। (ସମାପ୍ତ)

❤ ଜୟପୁର, କୋରାପୁଟ
+୯୧-୯୦୭୮୮୩୮୬୨୭

## କବିତା...

### ॥ ଈଶ୍ୱର ॥

### ମୋନାଲିସା ଦାଶ ଦ୍ୱିବେଦୀ

ବୈଶାଖର ବୟାଳିଶ ଡିଗ୍ରୀ
ଡହଡହ ତାତିରେ
ଡହଳ ବିକଳ ଈଶ୍ୱର
ପ୍ରତିବର୍ଷ ବାତ୍ୟା
ସହରୀକରଣ,
ଆଧୁନିକତାର ଶିକାର
ଈଶ୍ୱର ।

କ୍ଷମତାର ଲାଳସାରେ
ବଡ଼ପଣ୍ଡାମାନେ ଖୋଜୁଛନ୍ତି
ବହଳ ଅନ୍ଧାର
ଯେଉଁଠି ମନଇଚ୍ଛା ଗଢ଼ିହେବ
ନଗ୍ନ ଇଚ୍ଛାର ନଅର
ତେଣୁ ଏବେ ଅନ୍ଧାରକୁ
ଈଶ୍ୱରଙ୍କ ଡର ।

ମୋହର ମଦିରାରେ
ସହରଟା ସାରା ଓଦା
ଧୋବ ଫରଫର ଛଳନାର ଆଲୁଅରେ
ଜହ୍ନର ରୋଷଣୀ ବି ଫିକା
ମିଛମାୟାର ଅନଳରେ
ଝୁଲସି ଯାଉଛି ମାଟି
ଆଜି ପ୍ରେମ ଅନୁରାଗ ଭରା
ସ୍ଫଟିକ ପରି ସ୍ୱଚ୍ଛ ହୃଦୟଟିଏ
ଖୋଜୁ ଖୋଜୁ ଧୂଳିଧୂସରିତ
ଈଶ୍ୱର ।

କେବେ ଦିନେ କ୍ଷୁଧାକୁ
ନିର୍ବାଣରେ ରୂପାନ୍ତରିତ
କରିଥିଲେ ଗୌତମ ବୁଦ୍ଧ
ଏବେ ଭୋକର ଦୋକାନ ସବୁଠି
ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ,
ଯେତେ ଥିଲାବାଲା
ସମସ୍ତଙ୍କର ଅମାପ ଭୋକ
ହେଲେ ନିର୍ବାଣର କାମନା କାହିଁ ?
ନିଜ ଭୋକ ଶୋଷ ଭୁଲି
ଆଉ ଜଣେ ଗୌତମଙ୍କ ଅପେକ୍ଷାରେ
ଈଶ୍ୱର।

ହୃଦୟର ଡାକ ହୃଦୟକୁ ଛୁଇଁ ପାରୁନି ଏଠି
ମନର ସେତୁବନ୍ଧ ଭାଙ୍ଗି ଯାଇଛି କେବେଠୁ
ଖୁସିର ଲହଡି କୂଳକୁ ଫେରିନି
ମିଛ ଭାଇଚାରା, ଈର୍ଷା ଆଉ ଅସୂୟାରେ
ଭରା
ମଣିଷ ହୃଦୟରୁ ଏବେ ନିରୁଦ୍ଦିଷ୍ଟ
ଈଶ୍ୱର ।

❤ ୨୪୬୬ ଏଗ୍ଲିଂଟନ ଏବେନୁ ଇଷ୍ଟ
ଟୋରଣ୍ଟୋ, କାନାଡ଼ା

### ॥ ତିନୋଟି କବିତା ॥

### ମୂଳ ତାମିଲ : ଆର. ବାଲକ୍ରିଷ୍ଣନ୍
### ଅନୁବାଦ : ଡ. ନୃସିଂହ ଷଡଙ୍ଗୀ



#### ୧॥ ବର୍ଷା ବିସ୍ମୟ

ବର୍ଷା ଏକ ଉପଶମ
ଆଶା ଓ ଆନନ୍ଦର
ସଂଚୟନ ବର୍ଷା ।

ଅଫୁରନ୍ତ ଉଚ୍ଛ୍ୱାସ
ବିଶ୍ୱାସର ଅନୁରଣନ ହିଁ ବର୍ଷା ।

ତା'ର ଘନୀଭୂତ ହେବାର ଭାବ
ମୋତେ ହତବମ୍ବ କରେ,
ତା' ଭିତରେ ଥିବା ନିଅଣ୍ଟ ପଣ
ମୋ ମନ ଓ ହୃଦୟର ଝରକାକୁ
ବାରମ୍ବାର ମୁକୁଳିତ କରୁଥାଏ;
ଗୋଟେ ବିମୁଗ୍ଧ ବିସ୍ମୟରେ ।

#### ୨ ॥ ଆକାଶର ଡେଣା

ଆକାଶ ଥାଏ
ଡେଣାର ଆବରଣରେ,
ଡେଣା ଭିତରେ ଥାଏ ଆକାଶ
ଉପରୁ ଉପରକୁ ଉଠିବାର
କ୍ଷମତା ଥାଏ କେବଳ ଡେଣାର
କିଛି ଉଡାଣ ମୁହୂର୍ତ୍ତ ପାଇଁ ।

ଡେଣା ଜାଣିଛି-
ଆକାଶର ବ୍ୟାପ୍ତି
ସୁଉଚ୍ଚ ଉଡାଣର ପରିସୀମା,
ଗୋଟେ ଆକର୍ଷଣର
ବାହାରେ- ସେ ଅପଚ୍ଛନୀୟ
ବ୍ୟାପ୍ତିରେ ଥାଏ, ଉପରୁ
ଆହୁରି ଉପରକୁ ।
ଯାହା- ଅସ୍ୱୀକାର ବି କରୁଥାଏ
ମାଧ୍ୟାକର୍ଷଣକୁ ।

#### ୩ ॥ ଅଛୁଆଁ

ଅଛୁତ ଛାଡିଦିଅ ମଣିଷକୁ
ଯାହା ପାଇଁ ଧର୍ମ ହିଁ କେବଳ ଧର୍ମ !
ଈଶ୍ୱର

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୩ ଡିସେମ୍ବର ୨୦୨୩



## ଛୋଟ ଗଳ୍ପ

# ଚଉକି

### ପଦ୍ମାଳୟା ସାମଲ

ଦଣ୍ଡପାଟ ବାବୁଙ୍କର ଆଜି ଅଫିସରେ ଶେଷ ଦିନ । ଏପ୍ରିଲ ତିରିଶ ତାରିଖଟାକୁ ସେ ବହୁଦିନୁ କ୍ୟାଲେଣ୍ଡରରେ ଦେଖି ଆସୁଥିଲେ । ପ୍ରତିଦିନ କ୍ୟାଲେଣ୍ଡର ଦେଖନ୍ତି ଏବଂ ମନେ ମନେ ଗଣି ଦିଅନ୍ତି ଆଉ କେତେ ଦିନ ରହିଲା । ଦୀର୍ଘ ବତିଶି ବର୍ଷ ଜଣେ ପଦସ୍ଥ ଅଧିକରୀ ଭାବରେ ସେ ଏଇ ଅଫିସରେ କଟେଇଦେଲେଣି । ବଡ ବଡ଼ ଅଫିସରମାନଙ୍କ ମତ ଦଣ୍ଡପାଟ ବାବୁ ନଥିଲେ ଅଫିସ ଅଚଳ ହେଇଯିବ । ଇଚ୍ଛା ନ ଥିଲେ ବି ତାଙ୍କର ସାନ୍ନିଧ୍ୟ ଲାଭ କରିବା ପାଇଁ ତଳିଆ କର୍ମଚାରୀମାନେ ସୁଯୋଗଟିଏ ଖୋଜୁଥାନ୍ତି ସବୁବେଳେ । କେହି କେହି କହିଦିଅନ୍ତି,'ସାର ! ଆପଣଙ୍କୁ ଏ ଚଉକିଟି ଖୁବ ମାନୁଛି ' । ବାସ୍, ଏତିକିରେ ଦଣ୍ଡପାଟ ବାବୁଙ୍କ ଛାତିଟା ଆଉ ଇଞ୍ଚେ ଫୁଲିଯାଏ । ନିଜକୁ ଅଫିସର ମେରୁଦଣ୍ଡ ବୋଲି ଭାବି ଦିଅନ୍ତି । ମୁହଁରେ ପ୍ରସନ୍ନତାର ଭାବ ଫୁଟି ଉଠେ ।

ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପରେ ଘରକୁ ନଯାଇ ସନିଆ ଚା ଦୋକାନରେ କିଛି ସମୟ ପାଇଁ ଅଟକି ଗଲେ ଦଣ୍ଡପାଟ ବାବୁ । ଦିନେ କି ଦୁଇଦିନ ନୁହେଁ, ସନିଆ ସହିତ ଦୀର୍ଘ ବତିଶି ବର୍ଷର ସମ୍ପର୍କ । ସନିଆ ଲକ୍ଷ୍ୟ କଲା ନିରବରେ ବସି ଦଣ୍ଡପାଟ ବାବୁ କିଛି ହରାଇବାର ଦୁଃଖରେ ଘାରିହେଉଛନ୍ତି । ଅନେକ ଗୁଡିଏ ଅସମାହିତ ପ୍ରଶ୍ନ ଯେମିତି ଆନ୍ଦୋଳିତ କରୁଥିଲା ତାଙ୍କୁ । ବିନା ଚିନିର ଗୋଟେ କପ ଚା ପାଇଁ ବରାଦ ଦେଇ ସେ ପୁଣି ହଜିଗଲେ କେଉଁ ଅଛିଣ୍ଡା ପ୍ରଶ୍ନରେ ।

ସନିଆ ଫେରିଗଲା ବତିଶି ବର୍ଷ ତଳକୁ । ଯେଉଁଦିନ ଦଣ୍ଡପାଟ ବାବୁ ନୂଆ କରି ଜଏନ କଲେ ଅଫିସରେ । ସେଦିନ ତା ଦୋକାନରେ ଚା ପିଇ ଢେର ସମୟ ଯାଏଁ ଦୁଃଖ ସୁଖ ହୋଇଥିଲେ । ଫାଇଲର ଚାପରୁ ମୁକ୍ତି ପାଇବା ପାଇଁ ସବୁଦିନ ସେ ପ୍ରାୟ ଅପରାହ୍ନ ଚାରିଟା ବେଳକୁ ଓହ୍ଲେଇ ଆସନ୍ତି ଚା ପିଇବା ଉଦ୍ଦେଶ୍ୟରେ । ଚା ପିଇବା ସହିତ ଗପସପ ଜମେଇ ଦିଅନ୍ତି କ୍ଷ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ସାନିଆକୁ ପ୍ରଭାବିତ କରିଥିଲା । ଦିନେ ତାଙ୍କୁ ନ ଦେଖିଲେ ସାନିଆକୁ ଅଡୁଆ ଅଡୁଆ ଲାଗେ ।

ପାଞ୍ଚ ବର୍ଷ ପରେ ଯେବେ ଦଣ୍ଡପାଟବାବୁଙ୍କର ପ୍ରମୋସନ ହେଲା ତା ପରେ ଦୋକାନକୁ ଆସି ଚା ପିଇବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ପିଅନକୁ ପଠେଇ ନିର୍ଦ୍ଦିଷ୍ଟ ସମୟରେ ଚା ମଗେଇ ନିଅନ୍ତି । ଏପରିକି ତାଙ୍କୁ ଭେଟିବାକୁ ଅସୁଥବା ଭଦ୍ରବ୍ୟକ୍ତି ମାନଙ୍କ ପାଇଁ ମଧ୍ୟ ଚା କଫିର ବରାଦ ଦିଅନ୍ତି । ପୂର୍ବରୁ ଆଣୁଥିବା ସ୍କୁଟର ବଦଳେଇ ଲକ୍ଷେ ଟଙ୍କିଆ ବାଇକ ଚଢି ଗଲାବେଳେ କିଛି ସମୟ ଅଟକି ସେଦିନ ଗପି ଚାଲିଥିଲେ ଦଣ୍ଡପାଟ ବାବୁ - 'ବୁଝିଲୁ ସନିଆ ! ମାର୍ଚ୍ଚ ମାସଟି ଅନ୍ୟ ମାସ ତୁଳନାରେ ବ୍ୟସ୍ତ ମାସ । ଏ ମାସରେ ଯଦିଓ କାମର ଚାପ ଟିକେ ଅଧିକ, ତଥାପି ମାସ ଶେଷକୁ ଚାପଟା ଉପଶମ ହୋଇଯାଏ । ଦଶ ବର୍ଷ ହେଲା ଭୁବନେଶ୍ୱରରେ ରହି ଛଅ ପ୍ରାଣୀ କୁଟୁମ୍ବ ପୋଷିବା ସାଧାରଣ କଥା ନୁହେଁ । ପିଲା ଦୁଇଜଣଙ୍କର ପାଠପଢା ସାଙ୍ଗକୁ ବାପା ମାଙ୍କର ଔଷଧ ଖର୍ଚ୍ଚ । ସେଥିରେ ପୁଣି ମାଡାମଙ୍କ ଖର୍ଚ୍ଚର କିଛି ହିସାବ ନ ଥାଏ । ଜାଗା ଖଣ୍ଡେ କିଣି ଘର କାମ ଆରମ୍ଭ କରିଛି । ସବୁ ସେଇ ଈଶ୍ୱରଙ୍କ ଇଚ୍ଛା ' ।

ବାବୁଙ୍କର କଥା କହିବାର ଭଙ୍ଗୀ ସାନିଆକୁ ସେଦିନ ଟିକେ ଅଲଗା ଅଲଗା ଲାଗିଲା ।

ଦଣ୍ଡପାଟ ବାବୁ ଆଗଭଳି ଆଉ ଯିବା ଆସିବା ବାଟରେ ବି ଅଟକି ଯାଉନାହାନ୍ତି ସନିଆ ଚା ଦୋକାନ ସାମ୍ନାରେ । ତାଙ୍କ ଅଫିସର ଅନ୍ୟ କର୍ମଚାରୀଙ୍କ ଠୁଁ ଯାହା ଖବର ରଖିଛି ସନିଆ । ଶେଷଥର ପାଇଁ ତାଙ୍କର ଚଉକି ବଦଳିଲା ପରେ ଲକ୍ଷ୍ମୀଙ୍କର ଶୁଭ ଦୃଷ୍ଟି ପଡିଛି । ରାଜଧାନୀର ଛାତି ଉପରେ ତିନି ମହଲା ସୁରମ୍ୟ ଅଟ୍ଟାଳିକା ସହିତ ଦୁଇ ଦୁଇଟି ସରକାରୀ ଜାଗା କିଣିଛନ୍ତି ଏଇ କିଛିଦିନ ଭିତରେ । ପୁଅ ଦୁଇଜଣ ବିଦେଶରେ ରହି ପାଠ ପଢୁଛନ୍ତି । ଚାରି ଜଣ ପିଅନ ତାଙ୍କ ଘର କାମରେ ନିଯୁକ୍ତ । କିଏ ମାଳି କାମରେ ତ ଆଉ କିଏ ହାଟ ସଉଦା କାମରେ, ଜଣେ ଝାଡୁ ପୋଛା କାମରେ ତ ଆଉ ଜଣେ ରୋଷେଇ କାମରେ । ମାଡାମ ତାଙ୍କର ଜିମ ପାର୍ଲର ଠାରୁ ଆରମ୍ଭ କରି ସପିଙ୍ଗରେ ବ୍ୟସ୍ତ । ସକାଳୁ ସକାଳୁ ପ୍ରାତଃଭ୍ରମଣରେ ଆଣ୍ଠୁ ଉପରକୁ ପ୍ୟାଣ୍ଟ ପିନ୍ଧି ବାବୁ ଯେତେବେଳେ ଆଲସିସିଆନ କୁକୁରକୁ ଧରି ଯାଉଛନ୍ତି ଯେକେହି ଲୋକ ଘଡିଏ ଚାହିଁବ । ପ୍ରତି ଛୁଟିରେ ପରିବାର ସହ ଦେଶବିଦେଶ ଭ୍ରମଣରେ ଯାଉଛନ୍ତି ଦଣ୍ଡପାଟ ବାବୁ । ବାବୁଙ୍କର ଆଉ ଦର୍ଶନ ମିଳୁନାହିଁ । ଆଠ ଦିନ ତଳେ ବିଦେଶୀ ଗାଡିର କାଚ ତଳକୁ ଖସେଇ ମୁରୁକି ହସି ଗାଡି ଛୁଟେଇ ଚାଲିଗଲେ । ତାଙ୍କର ହାବଭାବ ଠାଣି ତ ବଦଳି ଯାଇଛି ନିଶ୍ଚୟ । ଏସବୁ ଯେ ତାଙ୍କ ଚଉକିର କମାଲ ସେକଥା ସାନିଆକୁ ଆଉ ଅଛପା ରହିଲା ନାହିଁ ।

ଆଜି ଚଉକି ହରାଇବାର ଦୁଃଖରେ ଭାଙ୍ଗି ପଡ଼ିଥିଲେ ଦଣ୍ଡପାଟ ବାବୁ । ପିଛିଲା ଦିନର କଥାସବୁ ମନେପଡ଼ିଯାଉଥିଲା ତାଙ୍କର । କେବେକେବେ ଦର୍ପଣରେ ଦେଖନ୍ତି ନିଜକୁ । ଦର୍ପଣରେ ପ୍ରତିବିମ୍ବିତ ହୁଏ ବର୍ତ୍ତମାନ । କିନ୍ତୁ ବୋଲ ମାନେନା ତାଙ୍କର ମନ । ସେଲୁନକୁ ଯାଇ ନିଶ ଓ ଚୁଟିକୁ କଳା କରି ଫେରନ୍ତି । ପୁଣି ଦର୍ପଣକୁ ଚାହିଁ ଦେଖିନିଅନ୍ତି ନିଜକୁ । ତାଙ୍କର ମନେ ପଡ଼ିଯାଏ ଚଉକିରେ ବସି ସ୍ୱପ୍ନ ବିଭୋର ଅନୁଭୂତି । କେତେ କେତେ ମହିଳାଙ୍କ ସାନ୍ନିଧ୍ୟ । କେତେ କେତେ ତଳିଆ କର୍ମଚାରୀଙ୍କ ଖୋସାମଦୀ କଥା ।

ସନିଆ ତାଙ୍କୁ ହଲାଇ ଦେଲା - ବାବୁ ! ଚା ଥଣ୍ଡା ହେଲାଣି ପରା ! ପିଇ ନିଅନ୍ତୁ ।

ସନିଆ ଡାକରେ ପ୍ରକୃତିସ୍ଥ ହେଲେ ଦଣ୍ଡପାଟ ବାବୁ ।

ଏତେବେଳଯାଏ ବସି ରହି ସେ ତାଙ୍କ ଚଉକିକୁ ଝୁରି ହେଉଥିଲେ ।

❤ ଭୁବନେଶ୍ୱର

ମୋ - ୭୦୦୮୩୪୮୧୭୨

# ସାହିତ୍ୟ ହିଁ ମଣିଷକୁ ବୌଦ୍ଧିକ ଆହାର ଓ ନାନ୍ଦନିକ ଅନୁଭବ ଭେଟି ଦେଇଥାଏ : ଡା. ଦୀନବନ୍ଧୁ ସାହୁ

**ଡା. ଦୀନବନ୍ଧୁ ସାହୁ ଓଡଆ କବିତା ଜଗତରେ ଗୋଟେ ଜଣାଶୁଣା ନାଁ । କେବଳ ମାତ୍ର କବିତା, ଗଳ୍ପ, ପ୍ରବନ୍ଧ ଲେଖିବା ନୁହେଁ, ବରଂ ତତ୍ ସହିତ ଅଭିନୟ, ବିବଧ ସ୍ୱରାନୁସରଣ, ବେହେଲା ବାଦନ, ପ୍ରାଚୀନ ସାହିତ୍ୟ ଅଧ୍ୟୟନ, ପାଲା ପରିବେଷଣ ଓ ଚିତ୍ରଶିଳ୍ପ କ୍ଷେତ୍ରରେ ତାଙ୍କର ରହିଛି ଅପୂର୍ବ ଦକ୍ଷତା । ତାଙ୍କ କବିତାରେ ଅଛି ଯେଉଁ ଛଳଛଳ ଭାବ, ଯାଦୁକାରୀ ଶବ୍ଦ ଏବଂ ଉପସ୍ଥାପନାର ନଆରାପଣ ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରି ଚିହ୍ନାଏ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୌରିନ୍ଧ୍ରୀ ସାହୁ

■ କବିତା କାହିଁକି, କେବେଠୁ କେମିତି ସାମିଲ୍ ହେଲେ ଏ କବିତା ଯାତ୍ରାରେ ?

■■ କବିତା ଭାଷା ଓ ଭାବର ଆଙ୍ଗିକ ବସନରେ ନିଜକୁ ପରିପ୍ରକାଶ କରିବାର ଏକ ସୁମିଷ୍ଟ ମାଧ୍ୟମ । ନୃତ୍ୟ, ସଂଗୀତ, ଚିତ୍ରକଳା ଆଦି କଳାପରି ସାହିତ୍ୟରେ କବିତା ସମ୍ବେଦନଶୀଳ କବି ହୃଦୟର ଅନୁଭବ ଓ ବିଶ୍ଳେଷଣାତ୍ମକ ନିଷ୍କର୍ଷକୁ ଆଉ କାହା ସହ ବାଣ୍ଟିବାରେ ସାହାଯ୍ୟ କରିଥାଏ । ଉଦ୍‌ବେଳିତ ମନ ଓ ହୃଦୟର ଅନ୍ତରତମ ଆଲୋଡ଼ନକୁ ଆତ୍ମସନ୍ତୋଷର ସହ ସ୍ତମିତ କରିବାକୁ ଏହା ଏକ ଲଳିତ, ନାନ୍ଦନିକ ପ୍ରୟାସ ଯାହା ହୃଦୟ ହୃଦୟକୁ ଯୋଡ଼ିଥାଏ, ଉଭୟଙ୍କ ମଧ୍ୟରେ ଏକ ଶାଶ୍ୱତ ସାରସ୍ୱତ ସଂପର୍କ ସ୍ଥାପନ କରିଥାଏ । ଆମ ଘରେ ପ୍ରତ୍ୟହ ପଢ଼ାଯାଉଥିବା ଭାଗବତ, ପୁରାଣ ପ୍ରଥମ/ଦ୍ୱିତୀୟ ଶ୍ରେଣୀରୁ ପଢ଼ିଆସିଥିବା ମଧୁ ବର୍ଣ୍ଣବୋଧ, ମୋ ଛବିବହି, ସାହିତ୍ୟ ବହି ସବୁକୁ ସାହିତ୍ୟର ପ୍ରଥମ ସ୍ୱାଦ ଚଖେଇବାର ଶ୍ରେୟ ଦେବି । ପ୍ରାୟ ହାଇସ୍କୁଲରେ ପଢ଼ିଲା ବେଳଠୁଁ ମୁଁ ସାହିତ୍ୟ ପ୍ରତି ଅତ୍ୟନ୍ତ ଆଗ୍ରହର ସହିତ ଆକର୍ଷିତ ହୋଇଥିଲି । ମୋର ପ୍ରଥମ କବିତା 'ଚିଲିକା ତଟେ' ପଢୁଥିବା ସାହିତ୍ୟ ବହିରେ ଥିବା କବିବର ରାଧାନାଥ ରାୟଙ୍କ ବିରଚିତ ଚିଲିକା ତୀରେ କବିତା ଅନୁଛାୟାରେ ରଚିତ ହୋଇଥିଲା । ପଢୁଥିବା ସମୟରେ ପ୍ରଚଳିତ ବିଭିନ୍ନ ମାନେ ବହିର ଭିନ୍ନ ଭିନ୍ନ ବର୍ଣ୍ଣନା, ପ୍ରଶ୍ନୋତ୍ତର ଓ ସରଳାର୍ଥ/ ଖରାଛୁଟିରେ ଘରକୁ ଆସୁଥିବା ସାହିତ୍ୟ ପତ୍ରିପତ୍ରିକା, ଭକ୍ତକବି ମଧୁସୂଦନ ଦାସଙ୍କ ଗ୍ରନ୍ଥାବଳୀ, କବିବର ରାଧାନାଥ ରାୟ, ସ୍ୱଭାବକବି ଗଂଗାଧର ମେହେରଙ୍କ ଗ୍ରନ୍ଥାବଳୀ, କଥାସମ୍ରାଟ ଫକୀରମୋହନଙ୍କ ଗଳ୍ପ ଉପନ୍ୟାସ ଆଦି ସାହିତ୍ୟ ପ୍ରତି ଆଦର ସୃଷ୍ଟି କରିଥିଲେ । ମୋର ପ୍ରଥମ କବିତା 'ଚିଲିକା ତଟେ' କବିତାର ପ୍ରଥମ ଶ୍ରୋତା ଓ ପାଠିକା ଥିଲେ ମୋ ମାଆ । ଷଷ୍ଠ ଶ୍ରେଣୀରେ ପଢ଼ିବା ବେଳେ ଆମର ସାହିତ୍ୟ ଶିକ୍ଷକ ସ୍ୱର୍ଗତଃ ଶ୍ରୀ ହଳଧର ମଲ୍ଲ (ସାହିତ୍ୟିକ ଅଜାୟର ମଲ୍ଲଙ୍କ ବଡ଼ଭାଇ) ସାହିତ୍ୟ ପୁସ୍ତକରେ ଥିବା ପ୍ରତିଟି ଗଳ୍ପ, କବିତାକୁ ଯେଉଁଭଳି ରସାନ୍ୱିତ କରି ପଢ଼ାଉଥିଲେ ତାହା ଏବେ ବି ମୋ ମାନସପଟରେ ଜୀବନ୍ତ ହୋଇ ରହିଛି । ପରେ ପରେ କଲେଜରେ ଅଧ୍ୟୟନ ବେଳଠୁ କବିତା ସହିତ ସମ୍ପର୍କ କ୍ରମଶଃ ନିବିଡ଼ ହୋଇଥିଲା । ପ୍ରଜାତନ୍ତ୍ର, ସମାଜ, ସମ୍ବାଦ, ଆସନ୍ତାକାଲି ଆଦି ଅନେକ ସମ୍ବାଦପତ୍ର ଓ ସାହିତ୍ୟ ପତ୍ରିକାରେ ଭଲ ଲାଗୁଥିବା କବିତା ଗୁଡ଼ିକୁ ସଂଗ୍ରହ କରି ସାଇତି ରଖିବା ଏକ ପ୍ରକାରର ନିଶା ପାଲଟି ଯାଇଥିଲା । ହେତୁ ହେବା ପରେପରେ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଅପର୍ଣ୍ଣା ମହାନ୍ତିଙ୍କ ଅସତୀ, ପୂର୍ଣ୍ଣତମା ଆଦି ଅନେକ ପ୍ରଭାବଶାଳୀ ପୁସ୍ତକ ମୋତେ କବିତା ପ୍ରତି ଅଧିକ ଆକର୍ଷିତ କରିଥିଲା । କବିତା ପ୍ରତି ଆଦର, କବିତାର ଯାତ୍ରା ପ୍ରାୟ ୧୯୮୦/୮୨ରୁ ଆରମ୍ଭ ବୋଲି କୁହାଯାଇପାରେ । ତେବେ ସକରାତ୍ମକ ଓ ସକ୍ରିୟ ଭାବେ କବିତା ଲେଖିବା, ପଢ଼ିବା ୧୯୮୯/୯୦ ପରବର୍ତ୍ତୀ ସମୟରେ ହିଁ ହୋଇଛି ଯାହା ଏଯାବତ୍ ଆପଣାର ହୋଇ ରହିଛି । କବି ଅଖିଳ ନାଏକ ମୋ ସହପାଠୀ । ଆମେ ହାଇସ୍କୁଲ ଛାତ୍ର ଥିଲାବେଳେ କ୍ଲାସ ପରେ ବିଦ୍ୟାଳୟ ନିକଟସ୍ଥ ନଈପଠାରେ ସାହିତ୍ୟ ଉପରେ ଆଲୋଚନା, କବିତା ପାଠ, ଗପପଢ଼ା ଆଦି ନିୟମିତ ଚାଲୁଥିଲା । ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟରେ ସ୍ନାତକ ତଥା ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଅଧ୍ୟୟନ ପରେ ଭବାନୀପାଟଣାରେ ମୋର ପୋଷ୍ଟିଂ ହେଲା ଏବଂ ପରେ ପରେ ଅଖିଳ ହିଁ ସାହିତ୍ୟାନୁରକ୍ତି ଓ କବିତା ଲେଖା ଲେଖି ପ୍ରତି କିଛିକାଂଶରେ ଉତ୍ସାହିତ କରିଥିଲେ । ତେବେ ସାହିତ୍ୟ ସହିତ ସଂପୃକ୍ତି ଓ ମୋର କବିତା ଯାତ୍ରା ତଥା ସାହିତ୍ୟରେ ରହିବା ସମକାଳୀନ ଅନେକ କବି ଓ 'ସାଗରିକା' ପରି ଅନେକ ପତ୍ର ପତ୍ରିକା, ପ୍ରକାଶକଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ।

■ କିଏ ଆପଣଙ୍କ ସାହିତ୍ୟ ଆଦର୍ଶ ? ଆପଣଙ୍କ କବିତାର ପାଠକୀୟତାକୁ ନେଇ ଆପଣ କେତେ ମାତ୍ରାରେ ସନ୍ତୁଷ୍ଟ ?

■■ ସାହିତ୍ୟରେ ଆଦର୍ଶ କଥା କହିଲେ, ମୋ ପାଇଁ କେହି ନିର୍ଦ୍ଦିଷ୍ଟ ନ ହେଲେ ହେଁ ସାମୁହିକ ପ୍ରଭାବରେ ମୁଁ ପ୍ରଭାବିତ । ସ୍ୱଭାବ କବି ଗଂଗାଧର ମେହେର, ଭକ୍ତକବି ମଧୁସୂଦନ ଦାସ, ସନ୍ଥକବି ଭୀମଭୋଇ, ଉତ୍କଳମଣି ଗୋପବଂଧୁ ଦାସ, କବିବର ରାଧାନାଥ ରାୟ, କବି ରାଧାମୋହନ ଗଡ଼ନାୟକ, କଥା ସମ୍ରାଟ ଫକୀରମୋହନ, ସଚ୍ଚି ରାଉତରାୟଙ୍କଠୁ ଆରମ୍ଭ କରି ସାଂପ୍ରତିକ ସାହିତ୍ୟ ଜଗତରେ ସ୍ୱନାମଧନ୍ୟ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, କବି ଜୟନ୍ତ ମହାପାତ୍ର ଆଦି ଅନେକଙ୍କୁ ମୁଁ ପ୍ରାଣଭରି ଭଲପାଏ ଓ ତାଙ୍କର ଅନେକ ସାହିତ୍ୟ କୃତି ମୋତେ ବିଶେଷ ପ୍ରେରଣା ଦେଇଛି । ନାରୀକବି କୁନ୍ତଳା କୁମାର ସାବତ, କବି ଅପର୍ଣ୍ଣା ମହାନ୍ତି ଓ ସେନାପତି ପ୍ରଦ୍ୟୁମ୍ନ କେଶରୀ, କବି ଶ୍ରୀହରି ଧଳ ତଥା ସମସାମୟିକ ଅନେକ ସତୀର୍ଥଙ୍କ ପ୍ରେରଣା ପ୍ରଦାୟୀ ପ୍ରଭାବକୁ ଅସ୍ୱୀକାର କରିବା ମୋ ପାଇଁ ଧୃଷ୍ଟତା ହେବ । ପରୋକ୍ଷ ହେଉ ଅବା ପ୍ରତ୍ୟକ୍ଷ ଏମାନେ ହିଁ ମୋ ପାଇଁ ସାହିତ୍ୟରେ ଯଥାର୍ଥ ଆଦର୍ଶ । ଏତଦ୍ ବ୍ୟତୀତ ରୀତିଯୁଗୀୟ ସାହିତ୍ୟପ୍ରତି ମୋର ଆଗ୍ରହ ଓ ଆକର୍ଷଣରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, କବି ଗୋପାଳକୃଷ୍ଣ, ଦୀନକୃଷ୍ଣ ଦାସ, ଅତିବଡ଼ୀ ଜଗନ୍ନାଥ ଦାସ, ସାରଳା ଦାସଙ୍କ କୋକାଦୃତ, ଚର୍ଚ୍ଚିତ ସାହିତ୍ୟକୃତ ସମୂହ ଉଲ୍ଲେଖଯୋଗ୍ୟ ।

■ ଆଜିର କବିତା ଦୁର୍ବୋଧ ବୋଲି ଅଭିଯୋଗ ହୁଏ, ଏହାର ସତ୍ୟତା କେତେ ? ଏହାର କାରଣ କଣ ଓ ନିରାକରଣ କେମିତି ହୋଇପାରିବ ?

■■ ଆଜିର କବିତା ଦୁର୍ବୋଧ- ଏ ଅଭିଯୋଗର ସତ୍ୟତାକୁ ମୁଁ ସ୍ୱୀକାର କରିବି ନାହିଁ । ହଁ କିଛି କବିତା ମାତ୍ରାଧିକ ରହସ୍ୟାଶ୍ରୟୀ ହୋଇ ଦୁର୍ବୋଧ ମନେ ହୋଇଥାନ୍ତି, ପାଠକ ସହିତ ସଂପର୍କ ସ୍ଥାପନରେ ଅକ୍ଷମ ଥାନ୍ତି । କବି ଯାହା କହିବାକୁ ଚାହିଁଥାନ୍ତି ତା' ପାଠକ ନିକଟରେ ପହଞ୍ଚି ପାରେନାହିଁ ଏବଂ କବିତାଟି ଦୁର୍ବୋଧ ହୋଇଥାଏ । ଆଉ କିଛି କବିତାରେ ସ୍ୱେଚ୍ଛାଚାରୀ ଅବାନ୍ତର ଶବ୍ଦ ସଂଯୋଜନା, ମାତ୍ରାଧିକ ଚିତ୍ରକଳ୍ପ, ରୂପକଳ୍ପ, ଅପ୍ରାସଙ୍ଗିକ ଅଳଙ୍କାର, ଉପମା ଆଦି ଯୋଗୁଁ କ୍ଲିଷ୍ଟବୋଧ ହେବା ସହିତ ପାଠକୀୟ ଆଦର ହରାଇଥାନ୍ତି । କବିତାରେ ରହସ୍ୟର ଆବଶ୍ୟକୀୟ ଅନୁପାତ ସହ ଭାବ, ଭାଷା, ଭୂମି (ବିଷୟ ବସ୍ତୁ) ଓ କବତାର ଗଢ଼ଣ ଶୈଳୀ ବିଶେଷ ପ୍ରାଧାନ୍ୟ ରଖିଥାନ୍ତି କବିତାଟିର ଆବୃତିରେ । କବି ଆଟୋପ ବିହୀନ ହୋଇ କବିତା ମାଧ୍ୟମରେ ଯଦି ପାଠକକୁ ଛୁଇଁ ପାରିଲା, ପାଠକର ଚିନ୍ତା ଚେତନାକୁ ଆଲୋଡ଼ିତ, ଆଲୋକିତ କରିପାରିଲା, କାବ୍ୟିକ ଆନନ୍ଦ ଦେଇ ପାରିଲା ତେବେ ତା'ର ଲେଖା ଆଉ ଅବୋଧ ହୋଇ ରହିବ ନାହିଁ, କବିର ଶ୍ରମ, ସମୟ ଓ ସାଧନାର ମୂଲ୍ୟ ରହିବ । ବିବିଧପାଠକ ତଥା କାବ୍ୟପ୍ରେମୀ ସାହିତ୍ୟ ରସିକଙ୍କୁ ଏହା ଅକ୍ଳେଷରେ ନିଜସ୍ୱ ଆକର୍ଷଣ ତଥା ନିୟନ୍ତ୍ରଣରେ ରଖିପାରିବ । ସତ୍ ପାଠକଟିଏ କବିତାରେ ବାସ୍ତବ ଜୀବନରେ ବାସ୍ନାକୁ ଅନୁଭବ କରିବା ସହିତ କଳ୍ପଲୋକରେ ସାନ୍ନିଧ୍ୟ ଲାଭ କରି ବ୍ୟକ୍ତି ଚେତନାକୁ ରୁଦ୍ଧିମନ୍ତ କରିପାରିବ । ସୁସ୍ୱାଦୁ ଖାଦ୍ୟପାଇଁ ପାଚକ ପାଚିକାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

■ ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ଏବେ ସଙ୍କଟରେ- ପରୋକ୍ଷ ହେଉ ଅବା ପ୍ରତ୍ୟକ୍ଷ ଏହି ଉକ୍ତିର ଯଥାର୍ଥତା ଉଣା ଅଧିକେ ଅନୁଭୂତ । ସାଂପ୍ରତିକ ସମୟର ବ୍ୟସ୍ତବହୁଳ ଜୀବନଯାପନ, ଭାଷା ସଂରକ୍ଷଣ ପ୍ରତି ଆନ୍ତରିକତାର ଅଭାବ, ଅନ୍ୟ ଭାଷାର ଅନୁପ୍ରବେଶ, ଯୋଗାଯୋଗର ସାଂକେତିକ ବ୍ୟବହାର ଏହି ସଙ୍କଟମୟ ପରିସ୍ଥିତି ପାଇଁ ଦାୟୀ । ସଂପ୍ରତି ସାହିତ୍ୟରେ ଅନେକ ପୁସ୍ତକ, ପତ୍ରପତ୍ରିକା ପ୍ରକାଶିତ ହେଉଥିଲେ ହେଁ ଭାଷା ପ୍ରତି ପ୍ରକୃତ ପାଠକୀୟ ଆଦର ଓ ମାତୃଭାଷାର ସମୁଚିତ ବ୍ୟବହାର କ୍ରମଶଃ ହ୍ରାସ ପାଉଥିବା ମନେ ହେଉଛି । ଏହି ସଂକଟର ନିରାକରଣ ପାଇଁ ଓଡ଼ିଆ ସାହିତ୍ୟର ବହୁଳ ପ୍ରଚାର ଓ ପ୍ରସାର, ଭାଷା ପ୍ରତି ସଚେତନ ଦାୟବଦ୍ଧତା ଓ ପ୍ରଚୁର ପାଠକୀୟ ଆଦରର ଆବଶ୍ୟକତା ରହିଛି । ସାହିତ୍ୟ ହିଁ ଜୀବନକୁ ଶୃଙ୍ଖଳିତ ଓ ସମୃଦ୍ଧ କରିଥାଏ, ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ । ମାତୃଭାଷାର ସଶକ୍ତିକରଣ ପାଇଁ ପୁସ୍ତକ ମେଳା, କର୍ମଶାଳା । ଆଦି ଗୁରୁତ୍ୱପୂର୍ଣ୍ଣ ମନେ ହୁଅନ୍ତି । ମାତୃଭାଷାର ସୁରକ୍ଷା ଓ ସଂରକ୍ଷଣ ପାଇଁ ସାହିତ୍ୟର ବ୍ୟାପକ ପ୍ରଚଳନ, ଆତ୍ମିକ ସାହିତ୍ୟାଗ୍ରହ, ଦୈନନ୍ଦିନ ଜୀବନରେ ଭାଷାର ପର୍ଯ୍ୟାପ୍ତ ବ୍ୟବହାର ହେବା ଜରୁରୀ । ଅଧିକରୁ ଅଧିକ ମାତୃଭାଷାରେ ଲିଖିତ ପୁସ୍ତକର ଅଧ୍ୟୟନ, ଭାଷା ପ୍ରତି ବ୍ୟକ୍ତି ବ୍ୟକ୍ତିବିଶେଷର ବିଶୁଦ୍ଧ ଓ ନିଷ୍କପଟ ଆନ୍ତରିକତା ଓ ମମତ୍ୱବୋଧ ହିଁ ଓଡ଼ିଆ ସାହିତ୍ୟକୁ ଅକ୍ଷୁର୍ଣ୍ଣ ରଖିପାରିବ । କେବଳ କବିତା ନୁହେଁ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଯଥା ପ୍ରବନ୍ଧ, ନାଟକ, ଗଳ୍ପ, ଉପନ୍ୟାସ ଆଦିର ବହୁଳତା ତଥା ସାହିତ୍ୟର ସାମଗ୍ରିକ ବ୍ୟାପକତା ହିଁ ଆମକୁ ଏହି ସଂକଟରୁ ରକ୍ଷା କରିପାରିବ ।

■ ଜଣେ କବି ଭାବେ ମଣିଷର ସାମାଜିକ ଦାୟିତ୍ୱ କଣ ହେବା ଉଚିତ ?

■■ କବି ପ୍ରଥମତଃ ଜଣେ ମଣିଷ, ସାମାଜିକ ପ୍ରାଣୀ । କବିଟିଏ ସମାଜରୁ ସାଉଁଟିଥିବା ବିବିଧ ଅନୁଭବ ଓ ବ୍ୟକ୍ତିଗତ ଜୀବନରେ ଅଂଗେନିଭା ଅଭିଜ୍ଞତାକୁ ପୁଞ୍ଜିକରି କଲମ ଚାଳନା କରିଥାଏ । ଚିତ୍ରକଳା, ନାଟକ, ସଂଗୀତ ଭଳି ସାହିତ୍ୟ ସମାଜକୁ ଏବଂ ସମଗ୍ର ବିଶ୍ୱକୁ ବାର୍ତ୍ତା ଦେବାର ମାଧ୍ୟମ । କଲମ ନୁହେଁ ବରଂ କଲମ ମାଧ୍ୟମରେ ହିଁ ସମାଜକୁ ଶୃଙ୍

ପଢିବା ପରେ

# 'ଅନୁଭୂତି' : ଗ୍ରାମ୍ୟ ସମାଜର ଦାର୍ଶନିକ ଅନୁଭବ

ପ୍ରଭଞ୍ଜନ ଦାଶ

ମଣିଷ ନିଜ ଅତୀତ ସହ ଅତି ଅନ୍ତରଙ୍ଗ ଭାବେ ବନ୍ଧା । ଅତୀତରୁ ଅନୁଭବ ଏବଂ ଅନୁଭବରୁ ଅନୁଭୂତିକୁ ସାଉଁଟି ହିଁ ଗଢ଼ାହୁଏ ଜୀବନ । ସେହି ଅତୀତ, ଅନୁଭବ ଏବଂ ଅନୁଭୂତିର ପୃଷ୍ଠଭୂମିରେ ସୁପ୍ତ ଇତିହାସଟେ ପରି ଛିଡା ହୋଇଥାଏ ଧୂଳିଧୂସର ଭରା ମାଟି କାଦୁଅର ସେହି ଗ୍ରାମ୍ୟ ପରିବେଶଟିଏ । ସବୁ ସ୍ମୃତି ଓ ଅନେକ ଶିକ୍ଷାର ସମ୍ଭାର ସେହି ଗାଁର ସାମାଜିକ ଜୀବନ । ଗ୍ରାମ୍ୟ ପରିବେଶରେ ଭରି ରହିଥିବା ସାମାଜିକ ବ୍ୟବସ୍ଥା, ସଂସ୍କୃତି, ଲୋକସମ୍ପର୍କ, ମାନବୀୟ ଚେତନା ଓ ନୈତିକ ମୂଲ୍ୟବୋଧ କିପରି ଆମ ସମାଜରେ ଶିକ୍ଷା ଓ ସାମାଜିକ ଦର୍ଶନର ମୂଳଉତ୍ସ ହୋଇପାରେ ଏ ସମସ୍ତ ଘଟଣାକୁ ଏକ ନିଆରା ଭାବେ ଉପସ୍ଥାପିତ କରିବାରେ ଲେଖକ ଡ଼ଃ ଶିବଶଙ୍କର ଜେନାଙ୍କ ସୃଜନ ବେଶ୍ ଶାଣିତ ଅଟେ ।

ସମାଜଶାସ୍ତ୍ରର ଅଧ୍ୟାପକ ଭାବେ ଗ୍ରାମ୍ୟ ସଭ୍ୟତାକୁ ସଂସ୍କୃତି, ସଂସ୍କାର ଓ ଶିକ୍ଷାର ମୁକ୍ତ ଅନୁଷ୍ଠାନଟିଏ ପରି ଉପସ୍ଥାପିତ କରି ଉପନ୍ୟାସ "ଅନୁଭୂତି" ଲେଖକଙ୍କର ଏକ ନିଆରା ସୃଜନ ସୃଷ୍ଟି । ଏହି ଉପନ୍ୟାସର ନାୟକ ଭାବେ ଲେଖକ ନିଜକୁ ଜୟ ଚରିତ୍ରରେ ଅବସ୍ଥାପିତ କରିଛନ୍ତି । ସମାଜଶାସ୍ତ୍ରର ଗବେଷକ ତଥା ମାର୍କ୍ସବାଦୀ ଚିନ୍ତାଧାରା ଅନୁଧାରୀ ଯୁବକ ଜୟ ଗ୍ରାମ୍ୟ ସାମାଜିକ ଜୀବନ ଓ ଜୀବିକାକୁ ନିଜ ଗବେଷଣା ଲାଗି ମନସ୍ଥ କରିନେଇ ଆଧୁନିକତାଠୁ ବହୁ ଦୂରରେ ଥିବା ଏକ ଅନାଲୋଚିତ ଗ୍ରାମ ଅନନ୍ତପୁରକୁ ଚାଲି ଆସିଛନ୍ତି । ଅନନ୍ତପୁରର ଜନଜୀବନ, ସାମାଜିକ ଚଳଣି, ଚିନ୍ତାଧାରା ଓ ସଭ୍ୟତା ହିଁ ନାୟକଙ୍କ ସମାଜଶାସ୍ତ୍ର ଗବେଷଣାର ମୁଖ୍ୟ ପୃଷ୍ଠଭୂମି ।

ଗ୍ରାମ୍ୟ ଜୀବନ ଓ ସଭ୍ୟତାକୁ ନେଇ ଲିଖିତ ବିଶ୍ୱବିଦ୍ୟାଳୟ ପୁସ୍ତକାଗାରାର ପୁସ୍ତକ ଓ ବାସ୍ତବତାରେ ରହିଛି ଅନେକ ପ୍ରଭେଦତା । ଉପନ୍ୟାସର ପ୍ରାରମ୍ଭରେ ନାୟକ ଅନନ୍ତପୁର ଗ୍ରାମର କିଛି ଅଦ୍ଭୁତ ଘଟଣା ସମ୍ପର୍କରେ ଆବିଷ୍କାର କରିଛନ୍ତି । ଆଧୁନିକ ଯୁଗରେ ବି ପୈଶାଚିକ ଶକ୍ତି ଉପରେ ବିଶ୍ୱାସ ରଖୁଥିବା ଗ୍ରାମବାସୀଙ୍କ ମାନସପଟଳରେ ଥିବା ଚିନ୍ତାଧାରା ଏବଂ ଏହାର ମନସ୍ତାତ୍ତ୍ୱିକ ଦିଗ ଏସବୁ ଉପରେ ଖୁବ୍ ସୁନ୍ଦର ଭାବେ ଉପସ୍ଥାପିତ କରାଯାଇଛି । ଏହି ପ୍ରସଙ୍ଗରେ ଗ୍ରାମର ବେଶ୍ ପରିଚିତ ବ୍ୟକ୍ତିତ୍ୱ ଓକ୍ଷିଆ ଓଝାଙ୍କ ଚିନ୍ତାଧାରା ଓ କାର୍ଯ୍ୟ ଖୁବ୍ ସମାଜପଯୋଗୀ ଅଟେ । ନିଜର ସ୍ୱଳ୍ପ ଜ୍ଞାନକୁ ନେଇ ଏକ ଶାନ୍ତିପୂର୍ଣ୍ଣ ପରିବେଶଟେ ଲାଗି ସେ ସର୍ବଦା ଚେଷ୍ଟିତ । ଗ୍ରାମର ଅନ୍ତଃନିହିତ ସ୍ଥିତିକୁ ପରଖିବା ଲାଗି ନାୟକ ଜମିଦାରଙ୍କ ସହାୟତା ଲୋଡିଛନ୍ତି । ଜମିଦାରଙ୍କ ଆତିଥ୍ୟତା, ସାହାଯ୍ୟ ଓ ସହଯୋଗୀ ମନୋଭାବ ନାୟକଙ୍କ ଗବେଷଣାରେ ବେଶ୍ ସହାୟକ ହୋଇଛି । ଜମିଦାରଙ୍କ ବାସଭବନରେ ସ୍ୱଳ୍ପ ରହଣି ସମୟରେ ସାମନ୍ତଙ୍କ ଏକମାତ୍ର ଅଲିଅଳି ଝିଅ ସୁକନ୍ୟା ସହିତ ନାୟକଙ୍କର ସମ୍ପର୍କ ବେଶ୍ ନିବିଡ଼ ହୋଇ ଆସିଛି । ଅର୍ଥନୀତିରେ ସ୍ନାତକୋତ୍ତର ପ୍ରାପ୍ତ ସୁକନ୍ୟା ଜୟଙ୍କ ଚିନ୍ତାଧାରା, ମନୋଭାବ ଓ କାର୍ଯ୍ୟ ପ୍ରତି ବେଶ୍ ଆକର୍ଷିତ ହୋଇଛି । ଗ୍ରାମ୍ୟ ଜୀବନ, ସମାଜ ଓ ସଂସ୍କୃତିକୁ ପରଖିବା ଲାଗି ଗବେଷଣାର ପ୍ରାୟ ପ୍ରତ୍ୟେକ ସମୟରେ ଜୟଙ୍କ ସହିତ ସୁକନ୍ୟା ନିଜକୁ ସାମିଲ କରିଅଛି । ଗ୍ରାମ୍ୟ ଜୀବନର ଜମିଦାରୀ ପ୍ରଥା ଉପରେ ଲିଖିତ ପୁସ୍ତକରେ ଥିବା ଶୋଷଣ, ସାମନ୍ତବାଦ ଚିନ୍ତାଧାରା ଓ ଅନନ୍ତପୁର ଜମିଦାରଙ୍କ ବାସ୍ତବ ଚିତ୍ର ଭିତରେ ରହିଛି ଅହେତୁକ ପ୍ରଭେଦତା । ପ୍ରଜାଙ୍କ ସୁରକ୍ଷା ପାଇଁ ନିଜ ପତ୍ନୀ, ପୁତ୍ର ଓ ପରିବାରର ସ୍ୱାର୍ଥକୁ ତ୍ୟାଗ କରି ନିଜସ୍ୱ ସଞ୍ଚିତ ଅର୍ଥକୁ ସମର୍ପି ଦେବା ହିଁ ଅନନ୍ତପୁର ଜମିଦାରୀ ଇତିହାସର ଏକ ମହାନତାର ପରିଚୟ । ଶିକ୍ଷା କ୍ଷେତ୍ରରେ ବିକାଶ ଦେବା ଲାଗି ବେଶ୍ ତତ୍ପର ଥିବା ଗ୍ରାମର ଅଶିକ୍ଷିତ ପ୍ରାପ୍ତ ବୟସ୍କ ବୃନ୍ଦାବନଙ୍କ ଚିନ୍ତାଧାରା ଓ ମଣିଷପଣିଆ ଅନନ୍ତପୁରର ଅନ୍ୟ ଏକ ମହାନତା ଅଟେ । ସେହିପରି ଗ୍ରାମ୍ୟ ସଂସ୍କୃତି ଓ ପରମ୍ପରାରେ ଥିବା ଠାକୁରାଣୀ ମନ୍ଦିର, ଭାଗବତ ଟୁଙ୍ଗୀ ଇତ୍ୟାଦି କିପରି ଗ୍ରାମରେ ଭାଇଚାର ଓ ଭାବପ୍ରୀତି ବନ୍ଧନର ଏକ ବଳିଷ୍ଠ ମାଧ୍ୟମ ଏସବୁ ଖୁବ୍ ସୁନ୍ଦର ଭାବେ ନାୟକଙ୍କ ଅନୁଭୂତିରେ ସ୍ଥାନିତ ।




ସାଧାରଣ ଜୀବନରେ ପ୍ରକୃତିର ଥିବା ବିଶାଳ ଅବଦାନ, ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ରହିଥିବା ସହଯୋଗୀ ମନୋଭାବ ଏସବୁ ଗ୍ରାମ୍ୟ ଜୀବନର ଅନ୍ୟ ଏକ ମୁଖ୍ୟ ନିଦର୍ଶନ । ଗାଉଁଲି ଜୀବିକା ନିର୍ବାହ କରୁଥିବା ସାଧାରଣ କୃଷକଟି ଅସମୟରେ କିପରି ଅସହାୟ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟହୁଏ ଏବଂ ଏହାକୁ ନେଇ କରାଯାଉଥିବା ରାଜନୀତି ଓ ଆନ୍ଦୋଳନ ଯେ କେତେ ପ୍ରଭାବଶାଳୀ ଏହାର ଗଭୀରତାକୁ ଅନୁଭବ କରିବାରେ ନାୟକ ଗ୍ରାମ୍ୟ ପରିବେଶରେ ହିଁ ସକ୍ଷମ ହୋଇଛନ୍ତି । ସେହିପରି ଗ୍ରାମ୍ୟ ପରିବେଶରେ ସରଳ ଜୀବନଯାପନ କରୁଥିବା କିଛି ନିରକ୍ଷର ମଣିଷଙ୍କ ଭିତରେ ଲୁଚି ରହିଥିବା ମନୋଭାବ ଓ ଉଦାରତା ଯେ ସମାଜ ଉପରେ କେତେ ପ୍ରଭାବ ବିସ୍ତାର କରିପାରେ ତାହା ନାୟକଙ୍କ ଅନୁଭବର ଅନ୍ୟ ଏକ ମୁଖ୍ୟ ବିଷୟ । ସମାଜର ବିକାଶରେ ଗ୍ରାମ୍ୟ ସଭ୍ୟତାର ଅନ୍ତଃନିହିତ ଆବଶ୍ୟକତାକୁ ଅନୁଭବ କରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଗାନ୍ଧୀବାଦୀ ଆଦର୍ଶରେ ଥିବା ଚିନ୍ତାଧାରା ଯେ କେତେ ପ୍ରଭାବଶାଳୀ ତାହା ନାୟକ ନିଜ ଗବେଷଣାରେ ଅନୁଭବ କରିପାରିଛନ୍ତି । ଦେଶର ସ୍ୱାଧୀନତା ଲାଗି ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଯେ କେବଳ ଏକ ସାମାଜିକ ବିପ୍ଳବ ତାହା ନୁହେଁ ବରଂ ଏହା ମାନବ ସମାଜ ଭିତରେ ନବଚେତନା ଓ ବ୍ୟକ୍ତିତ୍ୱ ସୃଷ୍ଟି କରିବାର ଅନ୍ୟ ଏକ ମାର୍ଗ ।

ସମୟ ସରି ଆସିବା ସହିତ ନାୟକ ମଧ୍ୟ ଗ୍ରାମ୍ୟ ପରିବେଶରୁ ବିଦାୟ ନେବା ପାଇଁ ପ୍ରସ୍ତୁତ ହୋଇଛନ୍ତି । ପରନ୍ତୁ ଜମିଦାରଙ୍କ ଅଲିଅଳି ଝିଅ ସୁକନ୍ୟାର ପ୍ରେମ ନିବେଦନ, ଗ୍ରାମ୍ୟ ଜୀବନ ଓ ପରିବେଶ ସହିତ ଗଢି ଉଠିଥିବା ସମ୍ପର୍କ ନାୟକଙ୍କୁ ବାନ୍ଧି ରଖିବା ପାଇଁ ବାଧ୍ୟ କରିଛି । ଗ୍ରାମର ପ୍ରାକୃତିକ ପରିବେଶରେ ପରସ୍ପର ମଧ୍ୟରେ ଗଢି ଉଠିଥିବା ପ୍ରେମରେ ରହିଛି ପ୍ରାପ୍ତି ଅପେକ୍ଷା ତ୍ୟାଗର ମନୋଭାବ । ନାୟକଙ୍କ ଅନୁଭବରେ ଗ୍ରାମ୍ୟ ଜୀବନ ଓ ପରିବେଶକୁ ଗବେଷଣା କରିବା ଲାଗି ଥିବା ପ୍ରତ୍ୟେକ ଦୃଶ୍ୟର ଗଭୀରତାକୁ ମାପିବା ଆଦୌ ସହଜ ସାଧ୍ୟ ନୁହେଁ । ପୁସ୍ତକାଗାରର ପୁସ୍ତକ ହୁଏତ ବିଶାଳ ସମୁଦ୍ରର ଜଳରାଶିର ଏକ ବିନ୍ଦୁ ସମ ହୋଇପାରେ କିନ୍ତୁ ଗଭୀରତା ଲାଗି ଗ୍ରାମ୍ୟ ଜୀବନକୁ ଅଙ୍ଗେ ଅନୁଭବ କରିବା ନିହାତି ଆବଶ୍ୟକ ।

ମାଟିମନସ୍କ ଡ଼ଃ ଶିବଶଙ୍କର ଜେନାଙ୍କ ଲିଖିତ ଗ୍ରାମ୍ୟ ଜୀବନ ଓ ପରିବେଶ ଆଧାରିତ ଉପନ୍ୟାସ "ଅନୁଭୂତି" ନିଶ୍ଚିତ ରୂପେ ଏକ ଶିକ୍ଷଣୀୟ ସାମାଜିକ ଦର୍ଶନ ସମ୍ପର୍କିତ ସୃଜନ ସମ୍ଭାର ଅଟେ । ଗ୍ରାମ୍ୟ ଜୀବନ ଭଳି ଏହି ଉପନ୍ୟାସଟି ମଧ୍ୟ ସମାଜ ଲାଗି ବେଶ୍ ପ୍ରଭାବଶାଳୀ । ଗାଁ ମାଟିକୁ ପ୍ରାଣଭରି ଭଲପାଉଥିବା ପ୍ରତ୍ୟେକ ପାଠକଙ୍କ ଲାଗି ଏହା ଏକ ନିଆରା ଅନୁଭବର ମାଧ୍ୟମ ଅଟେ । ଏହି ପୁସ୍ତକର ପ୍ରତ୍ୟେକଟି ପୃଷ୍ଠାରେ ଭରି ରହିଛି ଗାଁର କଥା, ମାଟିର ବାସ୍ନା, ଜୀବନର ଗଭୀରତା, ପ୍ରକୃତିର ସୁନ୍ଦରତା ଇତ୍ୟାଦି । ତେବେ ଗ୍ରାମ୍ୟ ଜୀବନକୁ ଏକ ଭିନ୍ନ ଭାବରେ ଉପସ୍ଥାପନ କରାଯାଇ ରଚିତ ପୁସ୍ତକ "ଅନୁଭୂତି" ଯେ ପାଠକ ମହଲରେ ବେଶ୍ ଆଦୃତ ହେବ ଏହା କହିବା ନିଃସନ୍ଦେହ ଅଟେ ।

❤ ପ୍ଲଟ୍ ନମ୍ବର - ୪୫୧୦/୫୬୯୫, ଗଳି - ୫, ମେଘେଶ୍ୱର କଲୋନୀ ଟଙ୍କପାଣି ରୋଡ୍
ଭୁବନେଶ୍ୱର – ୭୫୧୦୧୮
(ମୋ) ୭୩୨୬୯୫୯୯୯୫

ଅନନ୍ୟା, ଅତୁଳନୀୟା :

# ନର୍ଗିସ ମହମ୍ମଦି : ୨୦୨୩ ମସିହାର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ

ଜୀବନରେ ୧୩ ଥର ଗିରଫ ହୋଇଛନ୍ତି, ୫ ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ମୋଟ୍ ୩୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିଛି , ଚାବୁକ୍ ମାଡରେ ଦେହରେ ୧୫୪ ଟି ଘା' ହୋଇଛି । ଶେଷଥର ଗିରଫ ହୋଇଥିଲେ ଗତବର୍ଷ ନଭେମ୍ବର ମାସରେ । ଅଥଚ ନିୟତିର କି ବିଚିତ୍ର ବିଚାର - ଜେଲଖାନାରେ ଥାଇ ନର୍ଗିସ ମହମ୍ମଦି ଜାଣିବାକୁ ପାଇଲେ ଯେ ନୋବେଲ କମିଟି ତାଙ୍କୁ ୨୦୨୩ ମସିହାର ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିଛନ୍ତି । ବାଂଲା ଭାଷାର ଲେଖିକା ଯଶୋଧାରା ରାୟଚୌଧୁରୀଙ୍କ ରଚିତ ଏକ ଆଲେଖ୍ୟର ଓଡ଼ିଆ ଅନୁବାଦ ପ୍ରସ୍ତୁତ କରିଛନ୍ତି ପ୍ରଦୀପ କୁମାର ରାୟ ।

ତେହେରାନର ଏଭିନ ଜେଲଖାନାରେ ଦଣ୍ଡ ଭୋଗୁଛନ୍ତି ସୁନ୍ଦର ଉଜ୍ଜ୍ୱଳ ଆଖିର ୫୧ ବର୍ଷ ବୟସ୍କା, ପେଶାରେ ପ୍ରଯୁକ୍ତିବିଦ୍ ନର୍ଗିସ ମହମ୍ମଦି । ଗତ ଆଠବର୍ଷ ହେବ ସେ ତାଙ୍କର ପୁଅଝିଅଙ୍କୁ ଦେଖି ନାହାନ୍ତି । ଭେଟି ନାହାନ୍ତି ପରିବାର ପ୍ରିୟଜନଙ୍କୁ । ସ୍ୱାମୀ ଆଘି ରହମାନି ଏବଂ ଯାଆଁଳା ପୁଅଝିଅ ଅଲ୍ଲୀ ଓ କିୟାନାଙ୍କୁ ନେଇ ନର୍ଗିସଙ୍କର ଛୋଟ ସଂସାର । ପୁଅଝିଅଙ୍କ ବୟସ ବର୍ତ୍ତମାନ ୧୬ ବର୍ଷ । ସ୍ୱାମୀ, ପୁଅଝିଅ - ତିନିଜଣ ଏବେ ସ୍ୱଭୂମିରୁ ନିର୍ବାସିତ । ଆଶ୍ରୟ ଗ୍ରହଣ କରିଛନ୍ତି ଫରାସୀ ଦେଶରେ । ସ୍ୱାମୀ ଆଘି ରହମାନି ୧୪ ବର୍ଷ ଜେଲଦଣ୍ଡ ଭୋଗିବା ପରେ ଏବେ ନିର୍ବାସନରେ । ଆଉ ସାମାଜିକ ପରିବର୍ତ୍ତନ ପାଇଁ ସଂଗ୍ରାମ କରୁଥିବା ନର୍ଗିସ ମହମ୍ମଦି ଦେଶଦ୍ରୋହୀ । ସଂସ୍କୃତି ବିରୁଦ୍ଧରେ ପ୍ରଚାର କରୁଥିବା ଅଭିଯୋଗରେ ଏବେ ଜେଲଖାନାରେ । ଇରାନର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ପାଇଥିବା ଶିରିନ୍ ଏବାଦିଙ୍କ ସଂଗଠନ **Defender of Human Rights Centre (DHRC )** ର ଉପସଭାପତି ଭାବରେ ଅବସ୍ଥାପିତ ହୋଇଥିଲେ ନର୍ଗିସ ମହମ୍ମଦି ।

କିନ୍ତୁ ଇରାନ ସରକାର କାଢ଼ି ନେଇଛନ୍ତି ତାଙ୍କର ପେଶା, ପରିବାର ଓ ସ୍ୱାଧୀନତା । ୧୩ ଥର ଗିରଫ ହୋଇଛନ୍ତି, ୫ ଥର ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ମୋଟ୍ ୩୧ ବର୍ଷ ଜେଲ ଭୋଗିଛନ୍ତି, ଚାବୁକ୍ ମାଡରେ ଦେହରେ ୧୫୪ଟି ଘାଆ' ହୋଇଛି । ଶେଷଥର ପାଇଁ ଗତବର୍ଷ ନଭେମ୍ବର ମାସରେ ଗିରଫ ହୋଇ ଏବେ ଜେଲଖାନାରେ ବନ୍ଦୀ ଜୀବନ ଅତିବାହିତ କରୁଛନ୍ତି । ଅଥଚ ନିୟତିର କି ବିଚିତ୍ର ବିଚାର, ଜେଲ୍ ଭିତରେ ଥାଇ ନର୍ଗିସ ଜାଣିବାକୁ ପାଇଲେ ଯେ ନୋବେଲ କମିଟି ତାଙ୍କୁ ୨୦୨୩ ମସିହାର ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିଛନ୍ତି । ନୋବେଲ କମିଟିର ବ୍ୟାଖ୍ୟାନ ଅନୁସାରେ --'ଇରାନର ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ଲଢେଇ କରିବା ଏବଂ ନାରୀର ଅଧିକାର ପାଇଁ ତାଙ୍କର ଅନବରତ ସଂଗ୍ରାମ ହେତୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଉଛି ।'

ନର୍ଗିସ ମହମ୍ମଦି ଲେଖିଥିଲେ -'ସେ ଜେଲଖାନାର ଝର୍କା ଦେଇ ତେହେରାନ୍‌ର ଉତ୍ତର ଦିଗର ପାହାଡ଼ ଦେହରେ ଥିବା ଗଛଲତା ଓ ଫୁଲମାନଙ୍କୁ ଦେଖନ୍ତି । ସେହି ଝର୍କାର ପରିସୀମା ଟିକକ ହିଁ ତାଙ୍କର ବିଶ୍ୱ । ମୁକ୍ତ ଏକ ଇରାନ୍‌ର କଥା ଭାବିବା ପାଇଁ ସେହି ଦୃଶ୍ୟ ହିଁ ତାଙ୍କର ସମ୍ବଳ । 'ପୁନଶ୍ଚ ଏକ ସାକ୍ଷାତକାରରେ ସେ କହିଥିଲେ -- 'ସେମାନେ ମୋତେ ଆହୁରି ଶାସ୍ତି ଦିଅନ୍ତୁ, କାଢ଼ି ନିଅନ୍ତୁ ମୋର ସମସ୍ତ ସ୍ୱାଧିନତା, ମୁଁ ଆହୁରି ଆହୁରି ବଦ୍ଧପରିକର ହୋଇ ଉଠିବି । ଇରାନ୍‌ରେ ଯେମିତି ହେଉ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ହେବ । ଇରାନ୍‌ରେ ସ୍ୱାଧୀନତା ହିଁ ମୋର କାମ୍ୟ ।'




ଇରାନ୍ ସରକାର ନର୍ଗିସଙ୍କର ଟେଲିଫୋନରେ କଥା ହେବା ଏବଂ ସାକ୍ଷାତକାର ଦେବାର ଅଧିକାର ମଧ୍ୟ କାଢି ନେଇଛନ୍ତି । ୨୦୨୨ ମସିହାରେ ସେ ଏକାଧିକ ସାକ୍ଷାତକାର ଦେଇଛନ୍ତି ପାଶ୍ଚାତ୍ୟ ମିଡିଆକୁ, ଟେଲିଫୋନ ମାଧ୍ୟମରେ ଏବଂ ଲିଖିତ ପ୍ରଶ୍ନୋତ୍ତର ମାଧ୍ୟମରେ । ବାହ୍ୟ ଜଗତ ନିକଟରେ ନିଜର ଭାଷା, ନିଜର ବାଣୀ ପହଞ୍ଚାଇବାରେ ନର୍ଗିସଙ୍କର ଔଦ୍ଧତ୍ୟକୁ ଗ୍ରହଣ କରିପାରି ନାହାନ୍ତି ସେଠାରେ ସ୍ୱେଚ୍ଛାଚାରୀ ସରକାର ।

ନର୍ଗିସଙ୍କର ବାଲ୍ୟକାଳରେ ତାଙ୍କର ମା କୁଆଡେ ତାଙ୍କୁ କହିଥିଲେ, କେବେହେଲେ ରାଜନୀତିର ଭୂଇଁରେ ପାଦ ଥାପିବୁ ନାହିଁ । କାରଣ ତାଙ୍କ ମା'ଙ୍କର ପରିବାର ଥିଲା ଏକ ପ୍ରତିବାଦୀ ପରିବାର । ମାତ୍ର ନଅ ବର୍ଷ ବୟସରୁ ନର୍ଗିସଙ୍କ ସ୍ମୃତିରେ ମୁଦ୍ରିତ ହୋଇ ରହିଛି ସେହି ଦୃଶ୍ୟ - ଟେଲିଭିଜନ ରେ ପ୍ରଗତିବାଦୀ ମାନଙ୍କୁ ମୃତ୍ୟୁଦଣ୍ଡ ଘୋଷଣା କରାଯାଉଛି ଏବଂ ତାଙ୍କର ମା ଚୁପଚାପ୍ ବସି ଶୁଣୁଛନ୍ତି କୌଣସି ଆତ୍ମୀୟଙ୍କର ନାମ ଘୋଷିତ ହେଉଛି କି ନାହିଁ । ଦିନେ ଜଣେ ଆତ୍ମୀୟଙ୍କର ନାମ ଘୋଷଣା ହେବା ଶୁଣି କୋହରେ ଫାଟି ପଡନ୍ତି ନର୍ଗିସଙ୍କର ମା । ଏହି ଦୃଶ୍ୟ କୌଣସି ଦିନ ଭୁଲିପାରି ନାହାନ୍ତି ନର୍ଗିସ । କିନ୍ତୁ ଏସବୁ ଭୀତି ସଞ୍ଚାର କରିବା ପରିବର୍ତ୍ତେ ଦିନକୁ ଦିନ ଅଦମନୀୟ ପ୍ରତିବାଦର ଆକାଂକ୍ଷା ନିୟୁକ୍ଲିୟର୍ ଫିଜିକ୍ସର ଛାତ୍ରୀ ନର୍ଗିସଙ୍କ ମନରେ ତୀବ୍ର ଦାବାନଳ ପରି ଜଳି ଉଠୁଥିଲା ।

୩୦ ବର୍ଷ ପୂର୍ବେ ଇରାନ୍ ଥିଲା ପହଲଭି ରାଜବଂଶର ଅଧୀନରେ । ସେତେବେଳେ କିନ୍ତୁ ଏତେ ବିଧିବିଧାନ, ଆଇନ୍ ଇତ୍ୟାଦି କରି ନାରୀ ମାନଙ୍କୁ ହିଜାବ ପିନ୍ଧିବା ପାଇଁ ବାଧ୍ୟ କରାଯାଉନଥିଲା । ବୋର୍ଖାହୀନ, ଚାଦରହୀନ ମୁକ୍ତକେଶୀ ନାରୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିଲେ । ବବ୍‌କଟ୍ ଯୁବତୀମାନଙ୍କୁ ତେହେରାନ୍‌ର ରାସ୍ତାରେ ଦେଖିବାକୁ ମିଳୁଥିଲା । ନାନା ପେଶାରେ ନାନା ଦେଶର ନାରୀମାନଙ୍କ ସହିତ ପାଦରେ ପାଦ ମିଳାଇ ଚାଲୁଥିଲେ ସେମାନେ । କିନ୍ତୁ ଇତିହାସର ପଥ ଆଦୌ ସରଳରୈଖିକ ନୁହେଁ । ପ୍ରଗତିର ପଥରେ ସରଳରେଖାରେ ଚାଲେନାହିଁ ସମସ୍ତ ସଭ୍ୟତା । ସବୁ ସଭ୍ୟତା ଭିତରେ ବାରମ୍ବାର ବୃତ୍ତାକାର ଛନ୍ଦରେ ଫେରି ଆସୁଥାଏ ପୁରୁଣା ଅଭ୍ୟାସ, ସଂସ୍କୃତି ନାମରେ ନାମିତ ହୋଇ । ୧୯୭୯ ମସିହାରେ ଇରାନ୍‌ର ବିପ୍ଳବ ପରେ ନାରୀମାନଙ୍କ ପାଇଁ ବାଧ୍ୟ କରାଗଲା ହିଜାବ୍ ବା ବୋର୍ଖା ।

ଏଠାରେ ସ୍ମରଣ ରଖିବାକୁ ହେବ ଯେ ଇରାନ୍‌ର ଆଇନ୍ ଅନୁସାରେ ହେଡ୍ ସ୍କାର୍ଫ , ମୁଣ୍ଡ ଘୋଡାଇବା ଚାଦର ବା ହିଜାବ ଯେହେତୁ ନାରୀମାନଙ୍କ ପାଇଁ ବାଧ୍ୟତାମୂଳକ, ବିଦେଶୀମାନେ ମଧ୍ୟ ଇରାନ୍ ମାଟିରେ ତାହା ମାନି ଚଳିବାକୁ ବାଧ୍ୟ ହେଉଥିଲେ । ତେହେରାନ୍‌ଗାମୀ ପ୍ଲେନ୍‌ରେ ସମ୍ପୂର୍ଣ୍ଣ ବାହୁ ଘୋଡାଇ ହୋଇଥିବା ପୋଷାକ ଓ ମ୍ୟାଚିଂ ହିଜାବ ପରିହିତା ନାନା ଦେଶର ମହିଳା ବ୍ୟୁରୋକ୍ରାଟ୍ ବା ଡିପ୍ଲୋମେଟ୍ ମାନଙ୍କୁ ପ୍ରାୟତଃ ଦେଖିବାକୁ ମିଳିବ । ୨୦୧୮ ମସିହାରେ ଚୀନ୍ ରୁ ଆସିଥିବା ଏକ କନସର୍ଟ ପାର୍ଟିର ମହିଳା ଶିଳ୍ପୀଙ୍କୁ କନସର୍ଟ ଚାଲିଥିବା ସମୟରେ ଯୋରଜବରଦସ୍ତ ହିଜାବ ପିନ୍ଧିବାକୁ ବାଧ୍ୟ କରାଯାଇଥିଲା ।

ନର୍ଗିସଙ୍କର ଏହି ନୋବେଲ ଶାନ୍ତି ପୁରସ୍କାର ପାଇବା ଆହୁରି ଅର୍ଥବହ କାରଣ ଏକବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୨ ମସିହା ସେପ୍ଟେମ୍ବର ମାସରେ ଇରାନ୍ ଜଳି ଉଠିଥିଲା ତରୁଣୀ ମାହସା ଆମିନୀଙ୍କ ମୃତ୍ୟୁ ପରେ, ଗୋଟିଏ ଦୃଶ୍ୟ ଭାଇରାଲ୍ ହୋଇଥିଲା - ଉନ୍ମୁକ୍ତ ବେଣୀର ଜଣେ ନାରୀ କାଟି ଦେଉଛନ୍ତି ତାଙ୍କର କେଶ । ଇରାନ୍‌ର ଏହି ଅପରିଚିତା ନାରୀ ସେତେବେଳେ ଚାରିଆଡ଼େ ପ୍ରତିବାଦର ପ୍ରତୀକ ପାଲଟି ଯାଇଥିଲେ । ତେହେରାନ ସହିତ ଇରାନ୍‌ର ୮୦ ଟି ସହରରେ ଇନକିଲାବ୍‌ର ନିଆଁ ଜଳି ଉଠିଥିଲା । ପୋଲିସ ଗୁଳିରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା । କଠୋର ହସ୍ତରେ ପୋଲିସ ଦମନଲୀଳା ଚଳାଇଥିଲେ । ଇରାନ୍ ସରକାରଙ୍କର ବୟାନ ଥିଲା -' ଏହି ଆନ୍ଦୋଳନ ବହିରାଗତ, ବିଦେଶୀ ଶକ୍ତିର ପ୍ରୋତ୍ସାହନ । ତେଣୁ ସରକାର ନିଜସ୍ୱ ସଂସ୍କୃତିକୁ ରକ୍ଷା କରିବା ପାଇଁ ବଦ୍ଧପରିକର ।'

ସଠିକ୍ ଭାବରେ ହିଜାବ୍ ପିନ୍ଧି ନାହାନ୍ତି , ସଠିକ୍ ଭାବରେ ମୁଣ୍ଡ ଘୋଡାଇ ନାହାନ୍ତି, ସଠିକ୍ ଭାବରେ କେଶ ଆବୃତ୍ତ କରି ନାହାନ୍ତି - ଏହିସବୁ କାରଣରୁ ମୃତ୍ୟୁ ହୋଇଥିଲା ମାହସା ଆମିନିଙ୍କର । ସରକାରଙ୍କର ପୋଷା ପୋଲିସ ବାହିନୀର ଘେରାଉ ଭିତରେ ଥିବା ଆହତ ମାହସାଙ୍କ ମୁଣ୍ଡରେ ଶକ୍ତ ଆଘାତ କରି ଯାଇଥିଲା । ଇରାନ୍ ସରକାର କିନ୍ତୁ ପୋଲିସ ଦ୍ୱାରା ମାହସାଙ୍କ ହତ୍ୟାକୁ ଆଦୌ ସ୍ୱୀକାର କରିନଥିଲେ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୩ ଡିସେମ୍ବର ୨୦୨୩

ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ରବିବାର ଚୟନ
ସାପ୍ତାହିକ କ୍ରୋଡ଼ପତ୍ର

ଚେତନାର ଦର୍ପଣ - ୮

# ॥ କଠିନ ସମୟ ॥

♥ ଲଳିତ ମୋହନ ମିଶ୍ର

ମନୁଷ୍ୟ ଜୀବନର ଗତିପଥରେ ବିଭିନ୍ନ ସମୟ ଦେଇ ଗତି କରିଥାଏ । କେବେ ତା ପାଇଁ କଠିନ ସମୟ ତ କେବେ ସରଳ ତରଳ ସମୟ । ଥରେ ଗୁରୁଜୀ କ୍ଲାସରେ ତାଙ୍କର ଛାତ୍ରଛାତ୍ରୀଙ୍କୁ ବୁଝାଉଥଲେ, ପ୍ରକୃତି ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ଦେଇନାହିଁ । ଆମେ ଆମର ଭାଗ୍ୟ ଏବଂ କର୍ମକୁ ନେଇ ନିଜର ଭବିଷ୍ୟତ ଗଠନ କରିବା । ଏହାକୁ ଠିକ୍ ଭାବରେ ବୁଝାଇବା ପାଇଁ ଗୁରୁଜୀ ତିନୋଟି ପାତ୍ର ନେଇଥିଲେ । ପ୍ରଥମ ପାତ୍ରରେ ଆଳୁ, ଦ୍ୱିତୀୟ ପାତ୍ରରେ ଅଣ୍ଡା ଓ ତୃତୀୟ ପାତ୍ରରେ ଚା' ପତି ରଖିଥିଲେ । ତିନୋଟି ପାତ୍ରରେ ପାଣି ପକାଇ ଗ୍ୟାସରେ ଫୁଟିବାକୁ ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀ ଆଶ୍ଚର୍ଯ୍ୟ ହୋଇ ଏସବୁ ଦେଖୁଥିଲେ ମଧ୍ୟ କେହି କିଛି ବୁଝି ପାରି ନ ଥିଲେ । କୋଡ଼ିଏ ମିନିଟ୍ ପରେ, ଯେତେବେଳେ ତିନୋଟି ପାତ୍ର ଫୁଟିବାକୁ ଲାଗିଲା, ଗୁରୁଜୀ ସମସ୍ତ ପାତ୍ରକୁ ତଳକୁ ଓହ୍ଲାଇ ଆଣିଲେ । ପାତ୍ରରୁ ଆଳୁ, ଅଣ୍ଡା ଏବଂ ଚା' ବାହାର କଲେ ।

ଏବେ ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନୋଟି ପାତ୍ରକୁ ଧ୍ୟାନର ସହ ଦେଖିବାକୁ କହିଥିଲେ । ଏବେ ବି କୌଣସି ଛାତ୍ରଛାତ୍ରୀ କିଛି ବୁଝି ପାରି ନ ଥିଲେ । ଶେଷରେ ଗୁରୁଜୀ ଗୋଟିଏ ପିଲାକୁ ତିନୋଟି ଯାକ ଜିନିଷ (ଆଳୁ, ଅଣ୍ଡା ଓ ଚା) ଛୁଇଁବାକୁ କହିଥିଲେ । ଯେତେବେଳେ ଛାତ୍ର ଜଣକ ଆଳୁକୁ ସ୍ପର୍ଶ କଲା, ଦେଖିଲା ଆଳୁ ପୂର୍ବରୁ ବହୁତ କଠିନ ଥିଲା ଏବଂ ପାଣିରେ ଫୁଟିବା ପରେ ବହୁତ ନରମ ହୋଇଯାଇଛି । ଛାତ୍ର ଜଣକ ଅଣ୍ଡା ଉଠାଇଲା, ଦେଖିଲା ଅଣ୍ଡା ପୂର୍ବରୁ ତରଳ ଥିଲା । ସିଝିଥିବା ପରେ ଅଣ୍ଡାଟି କଠିନ ହୋଇ ଯାଇଛି । ଯେତେବେଳେ ଛାତ୍ର ଜଣକ ଚା' କପ୍‌କୁ ନେଇ ଦେଖିଲା, ଗରମ ପାଣିରେ ଚା' ପତିର ରୂପ ବଦଳିଯାଇଛି । ବର୍ତ୍ତମାନ ଏହାର ରଙ୍ଗ ରୂପ ସ୍ୱାଦ ସହିତ ଚା' ପାଲଟିଯାଇଛି । ଏବେ ଗୁରୁଜୀ ଛାତ୍ରଛାତ୍ରୀ ମାନଙ୍କୁ କହିଲେ - ଆମେ ତିନୋଟି ଭିନ୍ନ ଭିନ୍ନ ଜିନିଷର ପ୍ରତିକୂଳ ପରିସ୍ଥିତି ଦେଖିଲେ । ଅର୍ଥାତ୍ ତିନିଜଣଙ୍କୁ ସମାନ ଭାବରେ ପାଣିରେ ଫୁଟାଇଲେ କିନ୍ତୁ ଯେତେବେଳେ ଆମେ ତାକୁ ବାହାରକୁ ଆଣିଲେ । ସେତେବେଳେ ତିନୋଟି ଯାକ ଜିନିଷ ସମାନ ନ ଥିଲା । ଆଳୁ କଠିନରୁ ନରମ, ଅଣ୍ଡା ପୂର୍ବ ଅପେକ୍ଷା କଠିନ ଏବଂ ଚା' ମଧ୍ୟ ତାର ରୂପ ରଙ୍ଗ ବଦଳାଇଥିଲା । ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସମାନ କଥା ପ୍ରଯୁଜ୍ୟ । ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ମିଳିଥାଏ ଏବଂ ସମସ୍ତଙ୍କର ମଧ୍ୟ ସୁବିଧା ଅସୁବିଧା ରହିଥାଏ । ଆପଣଙ୍କର ଜୀବନ ପ୍ରଣାଳୀ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥାଏ । ଆପଣ ବିଭିନ୍ନ ପର୍ଯ୍ୟାୟରେ ସୁବିଧା ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ନିଜକୁ କିପରି ସମ୍ପୂର୍ଣ୍ଣ ଭାବରେ ଗଠନ କରିବେ, ତାହା ଆପଣଙ୍କ ଉପରେ ନିର୍ଭର କରେ ।

♥ ନୟାଗଡ଼
( ମୋ) :୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ

### ( ୭)
### ମହା ବିପତ୍ତି ଟଳିଗଲା

(ପୂର୍ବ ପ୍ରକାଶିତ ଉତ୍ତାରୁ) 'ସେ ଜିଭ କାମୁଡି ପକାଇଲେ । ତାପରେ ନଙ୍ଗର ଉଠାଇ ଆଣି ନୌକାକୁ ଉଠିଆସିଲେ ।

ନୌକା ଛାଡିଦେଲେ ନାଉରିଆ ଭାଇ । 'ହରିବୋଲ' 'ଗଙ୍ଗା ମାତାକୀ ଜୟ' ଧ୍ୱନିରେ କମ୍ପିଲା ଖଣ୍ଡମଣ୍ଡଳ ।

ଜୋରରେ ପବନ ବହୁଥାଏ । ତେବେ ଦୁଇଜଣ ଅଭିଜ୍ଞ ମଧ୍ୟବୟସ୍କ ଲୋକ ଦାଣ୍ଡ ବାହୁଥାନ୍ତି । ତେଣୁ ଭୟ କରିବାର କିଛି ନଥାଏ ।

ପ୍ରାୟ ନଦୀ ଅଧାଅଧି ହୋଇଛି ନୌକା ଆଉ କୂଳଆଡକୁ ଗଲାନି । ନାଉରିଆର ଭୟାର୍ତ୍ତ ସତର୍କ ସ୍ୱର --- 'ସାବଧାନ, ଗଙ୍ଗାମାଆଙ୍କୁ ଡାକ, ନୌକା ଆଗକୁ ଯାଉନି, ପଛକୁ ଘୁରୁଛି । ଭଉଁରୀରେ ପଡିଲାକି କଣ ନାଆ ତ ଖାଲି ଚକାଭଉଁରୀ ଖେଳୁଛି ।' ନୌକା ଦୋହୁଲିବାରେ ଲାଗିଲା । ସମସ୍ତେ ବିକଳରେ ମାଆଙ୍କୁ ଡାକୁଥାନ୍ତି । 'କାହିଁକି ? କଣ ହେଲା ?' କ୍ଷୀଣ ସ୍ୱର ଶୁଭିଲା ।

'ହେ ଭଗବାନ କଣ କରୁଛ । ମୁଁ ମରିଗଲେ ମୋ ଛୁଆପିଲା ଭାସିଯିବେ ।' କିଏ ଜଣେ କାନ୍ଦିବାରେ ଲାଗିଲେ । ଆଉ ଜଣେ ତା'ଉପରେ ରାଗିକି କହିଲେ, 'ମଲେ ଆମେ ସମସ୍ତେ ମରିବା । ତୁ କିସ ଏକା ବଞ୍ଚିବାକୁ ଚାହୁଁଛୁ ? ଡାକ ଡାକ ଗଙ୍ଗାମାଆଙ୍କୁ ଡାକ । ସିଏ ରଖିଲେ

**ହଠାତ୍ ବାରମ୍ବାର ଖୁବ୍‌ଜୋରରେ ଘଡଘଡି ସହିତ ବିଜୁଳି ମାରିଲା । ଚାରିଆଡେ ଉଜ୍ଜଳ ହୋଇଗଲା । ମୋତେ କିଛି ଦେଖାଗଲାନି । ଚମକି ପଡିଲି ।ପରେ ପୂର୍ଣ୍ଣଭାଇ ଆମ ଘରେ ବାପାମାଆଙ୍କୁ କହିଲେ ଯେ ମୁଁ କୁଆଡେ 'ମାଆ' ବୋଲି ଚିତ୍କାର କରି ଗୋଟିଏ ପାଖକୁ ଢଳି ପଡୁଥିଲି । ମାତ୍ର ସେ ସଙ୍ଗେସଙ୍ଗେ ମୋତେ ତାଙ୍କ ଦୁଇହାତରେ ଧରିନେଲେ ।**

ରଖିବେ, ମାରିଲେ ମାରିବେ ।' ପୁଣି ସମସ୍ତେ ପ୍ରାର୍ଥନା କଲେ, 'ଜୟ ଗଙ୍ଗା ମାତାକୀ ଜୟ ।'

କିଛି ଲାଭ ହେଲାନି । ନୌକା ପଛକୁ ଫେରି ଯେଉଁ କୂଳରୁ ଯାଇଥିଲା, ସେଇ କୂଳରେ ଲାଗିଲା । କିଛିଲୋକ ଭୟରେ ଉହ୍ଲାଇ ଗଲେ । କଣ ପାଇଁ ଇମିତି ହେଲା, କେହି ଜାଣି ପାରିଲେନି ।

ଅଧଘଣ୍ଟେ ପରେ ନୌକା ପୂଜା କରି ପୁଣି ନୌକା ଛାଡିଲା ନାଉରିଆ । ଏଥର ଆଉ ଦୁଇଜଣ ଅଲଗା ଲୋକ ଦାଣ୍ଡବାହିଲେ । କିନ୍ତୁ ଅବସ୍ଥାର ପରିବର୍ତ୍ତନ ହେଲାନି । ନାଉରିଆ ଓ ଦାଣ୍ଡ ବାହୁଥିବା ଲୋକଙ୍କ ଆପ୍ରାଣ ଚେଷ୍ଟା ଏବଂ ଲୋକଙ୍କ ବିକଳ ପ୍ରାର୍ଥନା ସତ୍ତ୍ୱେ ନୌକା ମଝିନଈରୁ ଆଗକୁ ନଯାଇ ପଛକୁ ଫେରି ଛାଡିଥିବା କୂଳରେ ଲାଗିଲା ।

କି ଅଜବ କଥା, କାହିଁକି ଇମିତି ହେଉଛି ? କିଏ ଜାଣିଛି ଯେ କହିବ ?

ଏହାପରେ ଆଉ ଦୁଇଜଣ ସ୍ତ୍ରୀଲୋକ ଉହ୍ଲାଇଗଲେ । ସେଇ ପଟରେ ଥିବା ସେମାନଙ୍କ ଆତ୍ମୀୟମାନେ ଆସି ନେଇଗଲେ । ସେତେବେଳକୁ ନୌକା କୂଳ ଭିଡୁ ନଥିବା ଖବର ନଦୀର ଦୁଇପାଖରେ ଥିବା ଗାଆଁମାନଙ୍କରେ ପ୍ରଚାର ହୋଇଗଲାଣି । ଦୁଇପାଖରେ ଲୋକ ଜମା ହୋଇ ଗଲେଣି । ହୋହଲ୍ଲା, ପାଟିତୁଣ୍ଡ ଶୁଭୁଥାଏ ।

ଆଉଥରେ ପୂଜାକରି ନୌକା ଛାଡିଲା ନାଉରିଆ । ସେଥର ବି ନୌକା ଆର କୂଳରେ ନଲାଗି କୂଳ କଡେକଡେ ତଳକୁ ଖସିବାରେ ଲାଗିଲା । ପୁଣି ହରିଧ୍ୱନି, ଗଙ୍ଗାମାଆଙ୍କୁ ବିକଳ ପ୍ରାର୍ଥନା । ନଦୀ ଦୁଇକୂଳର ଆଡିଆରେ ଶହଶହ ଲୋକ ଜମା ହୋଇଥାନ୍ତି । କିଏ ଲମ୍ବା ବରେଇ ଦଉଡି, କିଏ କଣ୍ଟାକାଟି, ଆଉ କିଏ ବା ଆଉ କିଛି ନୌକା ଅଟକାଇବା ଜିନିଷ, ଟର୍ଚ୍ଚ ତଥା ଲଣ୍ଠନ ଧରି ନୌକା ସାଥିରେ ତଳକୁ ଚାଲିଥାନ୍ତି ।

ଖବର ପାଇ ଅଳ୍ପସମୟ ଭିତରେ ଘାଟମାଲିକ ନଦୀକୂଳରେ ପହଞ୍ଚିଲେ । ଲୁଗା ପାଲଟି, ଗାମୁଛା ପିନ୍ଧି ନୌକାକୁ ଆଭୂମ ପ୍ରଣାମ କରି ଦୁଇ ଗାଲରେ ଚଟକଣି ମାରି ହାତଯୋଡି କହିଲେ, 'ମାଆ, ତୋତେ ମୋ ଝିଅଠୁ ଅଧିକ ସ୍ନେହ କରେ, ଆଜି ମୋ ଗେହ୍ଲୀ ଝିଅ ହୋଇ ବାପର ସର୍ବନାଶ କରିବୁ ? ଲୋକଙ୍କ ଜୀବନ ଗଲେ ମୋ ଜୀବନ ବି ରହିବନି । ଲୋକେ ଛାଡିବେନି କି ପୋଲିସ ବି ଛାଡିବନି । ମୋ ଜାଣତରେ ତୋ ପାଖରେ ମୁଁ କିଛି ଅପରାଧ କରିନି । ମୋ ଅଜାଣତରେ କରିଥିବା ଅପରାଧ କ୍ଷମାକର ମାଆ । ଆଉ ଖେଳନି । ମୋ ହାତରେ ଧରାଦେ' କହି ପାଣିକି ଉହ୍ଲାଇ ପହଁରିପହଁରି ନୌକାକୁ ଧରି କୂଳକୁ ଟାଣି ନେଇଗଲେ । ସୁନାଝିଅ ପରି କଥା ମାନିଲେ ତାଙ୍କର ନୌକାଝିଅ । ତାଙ୍କ ଦୁଇ ଆଖିରୁ ଧାରଧାର ଲୁହ ବୋହି ଯାଉଥାଏ ।

ଯାହେଉ, ଶେଷରେ ନୌକା କୂଳ ଭିଡିଲା । ଲୋକେ ନିରବରେ ଉହ୍ଲାଇଗଲେ । କାହାରି ଦେହରେ ଜୀବନୀଶକ୍ତି ନଥିବା ପରି ମନେ ହେଉଥାଏ । କିଛି ସମୟ ପରେ ସାଇକେଲ ଚଢି ଘରକୁ ଆସିଲି ।

ତହିଁ ପରଦିନ ଭୋରରୁ ବନ୍ୟାଜଳ ଆମ ଗାଆଁ ଚାରି ପାଖରେ ଘେରିଗଲା ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଅନୁଭବର ଶଙ୍ଖଧ୍ୱନି

# ଅଳିଆ ଗଦାରେ ପଡ଼ିଛି ଭନ୍ନକ୍ଷମଙ୍କ ଅଧିକାର

ନାରାୟଣ ଚନ୍ଦ୍ର ବିଶ୍ୱାଳ

**ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ଆଜିଯାଏ ତିନିଅଙ୍କରୁ ଚାରି ଅଙ୍କକୁ ବି ଛୁଇଁ ପାରୁନି । ଅନ୍ୟ ଅନେକ ରାଜ୍ୟ ଭିନ୍ନକ୍ଷମଙ୍କୁ ଅଧିକ ଭତ୍ତା ଓ ସୁବିଧା ଦେଲେଣି । ଓଡ଼ିଶା ସରକାରଙ୍କର ସେ ଦିଗକୁ ନିଘା ନାହିଁ । ଏହାଛଡ଼ା, ସ୍ୱତନ୍ତ୍ର ଉପକରଣ, ଗାଡ଼ି, ଆତ୍ମନିଯୁକ୍ତି, ଋଣ, ଥଇଥାନ, ବୃତ୍ତିଗତ ତାଲିମ୍ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଭଳି ସୁବିଧାମାନ ଅନେକ ସମୟରେ କାଗଜପତ୍ରରେ ସୀମିତ ହୋଇ ରହିଯାଉଛି ।**

ସମଗ୍ର ବିଶ୍ୱରେ ପ୍ରାୟ ୧କୋଟି ଭିନ୍ନକ୍ଷମ ଅଛନ୍ତି, ଯେଉଁମାନେ ସମାଜର ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ରରେ ସାମିଲ ହେବାକୁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସାଧାରଣ ଲୋକଙ୍କ ଭଳି ସେମାନେ ସମାଜର ସୁଖ ସୁବିଧା ଉପଭୋଗ କରିପାରୁ ନାହାନ୍ତି । ଗମନାଗମନ, ଚାକିରି, ଶିକ୍ଷା ସହିତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସେମାନେ ଭାଗ ନେଇପାରୁନାହାନ୍ତି । ଏକ ସୁସ୍ଥ ଲୋକତନ୍ତ୍ର, ସକ୍ରିୟ, ନାଗରିକ ଓ ସମାଜରେ ଅସମାନତା ଦୂର କରିବାକୁ ହେଲେ ସାର୍ବଜନୀନ ଭାବେ ଜୀବନ ବଞ୍ଚିବାର ଅଧିକାର ଅତି ଆବଶ୍ୟକ । ସମସ୍ତ ପ୍ରକାର ବାଧା ବନ୍ଧନକୁ ଦୂର କରି ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜାତିସଂଘ ଆଜିର ଦିନକୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଭାବେ ଘୋଷଣା କରିଛି । ପ୍ରତିଟି ସରକାରୀ ଅଫିସରେ ର୍ୟାମ୍ପ ରହିବ । ଯେମିତି କୌଣସି ହୁଇଲ୍‌ଚେୟାର ଗଡ଼ିବାରେ କିଛି ଅସୁବିଧା ହେବନି । ବସଷ୍ଟାଣ୍ଡ, ରେଲଷ୍ଟେସନ, ବ୍ୟାଙ୍କ, ପୋଷ୍ଟ ଅଫିସ ଭଳି ଯାବତୀୟ ସର୍ବସାଧାରଣ କାର୍ଯ୍ୟାଳୟ ବ୍ୟାରିୟର ଫ୍ରି ହେବ । ଯେମିତି ଭିନ୍ନକ୍ଷମମାନେ କାର୍ଯ୍ୟାଳୟ ପରିସରରେ ଯା-ଆସ, ଚାଲ-ବୁଲ କରିବାରେ କିଛି ସମସ୍ୟା ରହିବନି । ସରକାରୀ ଅଫିସ୍, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସର୍ବସାଧାରଣ ସ୍ଥାନମାନଙ୍କରେ ରହିବ ଭିନ୍ନକ୍ଷମଙ୍କ ବ୍ୟବହାର ଉପଯୋଗୀ ସ୍ୱତନ୍ତ୍ର ପରିସ୍ରାଗାର, ଶୌଚାଳୟ । ବଡ଼ ଟ୍ରାଫିକ୍ ଜଙ୍କସନ୍‌ମାନଙ୍କରେ ଦୃଷ୍ଟିହୀନଙ୍କ ପାଇଁ ଶୁଣାଯିବା ଭଳି ସିଗ୍‌ନାଲ ମଧ୍ୟ ବ୍ୟବହୃତ ହେବ । ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ ଏସବୁ ବ୍ୟବସ୍ଥା କରାଯିବ । ସରକାରୀ ନିୟମ ଅନ୍ତତଃ ଏୟା କହୁଛି । ବାସ୍ତବତା କିନ୍ତୁ ସାଂଘାତିକ । ସଚିବାଳୟ ଓ ହାତଗଣତି ଆଉ କେତୋଟି ବଡ଼ ସରକାରୀ ଅଫିସ୍‌କୁ ଛାଡ଼ିଦେଲେ ବାକି କେଉଁଠି ର୍ୟାମ୍ପ ନାହିଁ । କି' କେଉଁ ଗୋଟିଏ କ୍ୟାରିୟର୍ ଫ୍ରି କ୍ୟାମ୍ପସ୍ ନୁହେଁ । ସ୍ୱତନ୍ତ୍ର ଟଏଲେଟ୍ ଓ ଶ୍ରାବ୍ୟ - ଟ୍ରାଫିକ୍ - ସିଗନାଲ ତ'ଅନେକ ଦୂରର କଥା । ସରକାରୀକଳ ପ୍ରତିବର୍ଷ ଡିସେମ୍ବର ୩କୁ ଔପଚାରିକ ଭାବେ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳୁଛି । ନାନା ପବିତ୍ର ପ୍ରତିଶ୍ରୁତି ଅଜାଡୁଛି । କାର୍ଯ୍ୟକାରିତା ବେଳକୁ କିନ୍ତୁ ସରକାର ପଛଘୁଞ୍ଚା ଦେଉଛନ୍ତି । ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ଓ ଅଇନ୍‌ସମ୍ମତ ସୁବିଧା ସୁଯୋଗ ଯୋଗାଇବାରେ ଅକ୍ଷମ ସାବ୍ୟସ୍ତ ହେଉଛନ୍ତି ।

ଭିନ୍ନକ୍ଷମଙ୍କୁ ମିଳୁଥିବା ଭତ୍ତା ଆଜିଯାଏ ତିନିଅଙ୍କରୁ ଚାରି ଅଙ୍କକୁ ବି ଛୁଇଁ ପାରୁନି । ଅନ୍ୟ ଅନେକ ରାଜ୍ୟ ଭିନ୍ନକ୍ଷମଙ୍କୁ ଅଧିକ ଭତ୍ତା ଓ ସୁବିଧା ଦେଲେଣି । ଓଡ଼ିଶା ସରକାରଙ୍କର ସେ ଦିଗକୁ ନିଘା ନାହିଁ । ଏହାଛଡ଼ା, ସ୍ୱତନ୍ତ୍ର ଉପକରଣ, ଗାଡ଼ି, ଆତ୍ମନିଯୁକ୍ତି, ଋଣ, ଥଇଥାନ, ବୃତ୍ତିଗତ ତାଲିମ୍ ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଭଳି ସୁବିଧାମାନ ଅନେକ ସମୟରେ କାଗଜପତ୍ରରେ ସୀମିତ ହୋଇ ରହିଯାଉଛି । ପ୍ରକୃତ ହିତାଧିକାରୀଙ୍କ ପାଖେ ପହଞ୍ଚୁନି । ମନେହେଉଛି, ରାଜ୍ୟର ପ୍ରାୟ ସାଢ଼େ ଦଶ ଲକ୍ଷଲ ଭିନ୍ନକ୍ଷମଙ୍କ କଥା ସଂପୂର୍ଣ୍ଣ ପାସୋରି ପକାଇଛନ୍ତି ସରକାର । ରାଜ୍ୟ ଭିନ୍ନକ୍ଷମ କମିସନ୍ ଗଢ଼ାଯାଇଛି ସତ, ହେଲେ ସେଇଟି ପୂର୍ଣ୍ଣାଙ୍ଗ ଭାବେ କାମ କରୁନାହିଁ । କମିସନ୍‌ଙ୍କ ଆଦେଶକୁ ସରକାର ଠିକ୍‌ରେ କାର୍ଯ୍ୟକାରୀ କରୁନଥିବା, କେତେକ ବିଭାଗ ଅସମ୍ମାନ କରି ଅଳିଆଗଦାରେ ଫିଙ୍ଗି ଦେଉଥିବା ମଧ୍ୟ ଅଭିଯୋଗ ଉଠୁଛି । ଭିନ୍ନକ୍ଷମମାନଙ୍କୁ ବିଶେଷ ଧରଣର ବୈଷୟିକ ପ୍ରଶିକ୍ଷଣ ଦେବା ପାଇଁ ସ୍ୱତନ୍ତ୍ର ଆଇଟିଆଇ ପ୍ରତିଷ୍ଠା କରାଯିବା କଥା କିଛିବର୍ଷ ତଳେ ଘୋଷଣା କରାଯାଇଥିଲା । ଏଯାଏ ତାହା ଘୋଷଣାରେ ସୀମିତ ହୋଇ ରହିଛି । କିଛି ଦିନ ତଳେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ହୋଟେଲ୍‌ଗୁଡ଼ିକରେ ର୍ୟାମ୍ପ ଲଗାଯିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ପ୍ରସ୍ତାବ ସେମିତି ପଡ଼ି ରହିଛି । ଭିନ୍ନକ୍ଷମଙ୍କ ପାଇଁ କଲ୍ୟାଣମୂଳକ କାର୍ଯ୍ୟକ୍ରମର ନକ୍‌ସା ଓ ନୀତି ନିର୍ଦ୍ଧାରଣ ନିମନ୍ତେ ଟାସ୍କଫୋର୍ସ ଗଠନ କରାଯିବାର ଯୋଜନା ବି କାର୍ଯ୍ୟକାରୀ ନ ହୋଇ ପଡ଼ିରହିଛି । ଅନେକ ସମୟରେ ବସ୍‌ମାନଙ୍କରେ ନିୟମାନୁଯାୟୀ ରିହାତି ଓ ସୁବିଧା ମିଳୁନାହିଁ । ସରକାର ରିହାତି ନିୟମ କରିଦେଇ ଚୁପ୍ ବସିଯାଇଛନ୍ତି । ତଦାରଖ ବି କରୁନାହାନ୍ତି । ୬୦ ପ୍ରତିଶତ ମାତ୍ରା ବିଶିଷ୍ଟ ଭିନ୍ନକ୍ଷମମାନଙ୍କୁ ଟଙ୍କିକିଆ ବିପିଏଲ୍ ଚାଉଳ ଯୋଗାଯିବାର ଯୋଜନାକୁ ମଧ୍ୟ ଏଯାଏ କାର୍ଯ୍ୟକାରୀ କରାଯାଇପାରି ନାହିଁ । ୭୫ ପ୍ରତିଶତ ଭିନ୍ନକ୍ଷମତା ଥିଲେ ହିଁ ଚାଉଳ ସୁବିଧା ପ୍ରମାଣପତ୍ରଟିଏ କେମିତି ସହଜରେ ସୁବିଧାରେ ହାତପାହାନ୍ତାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ମିଳିପାରିବ, ସେ ବ୍ୟବସ୍ଥା ଆଜିଯାଏ ରାଜ୍ୟରେ ହୋଇପାରି ନାହିଁ । ଭିନ୍ନକ୍ଷମ କୁହାଯାଉଥିବା ଏହି ଦିବ୍ୟାଙ୍ଗମାନେ ଆଦୌ ଅକ୍ଷମ ନୁହଁନ୍ତି ବା ପରିବାର ସମାଜ ପ୍ରତି ବୋଝ ବି ନୁହଁନ୍ତି । ସେମାନଙ୍କର ଅନ୍ତର୍ନିହିତ ପ୍ରତିଭା ସମସ୍ତ ଅକ୍ଷମତାକୁ ଦୂରେଇ ଦେଉଛି । ଆଜି ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆସନ୍ତୁ ଶପଥ ନେବା ଏହି ମାନଙ୍କୁ ସ୍ନେହ ଶ୍ରଦ୍ଧାରୁ ଯେପରି ବଞ୍ଚିତ ନକରିବା ଏ କାମ କେବଳ ସରକାର ବା ଏନଜିଓ ମାନଙ୍କର ନୁହେଁ ଏହା ଆମ ସମସ୍ତଙ୍କର ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି'
କାଠଗୋଲା ରୋଡ଼, ମଙ୍ଗଳାବାଗ
କଟକ,
(ମୋ) ୯୪୩୮୨୭୬୬୬୦

# ହାତୀ ମେରା ସାଥୀ

କାଳି ଦାସ

ଆଜିକାଲି ହାତୀଙ୍କୁ ନେଇ ଅନେକ ସମସ୍ୟା ଦେଖିବାକୁ ମିଳୁଛି । ହାତୀମାନେ ଜଙ୍ଗଲ ଛାଡି ଜନବସତି ଭିତର କୁ ଆସି ଯାଉଛନ୍ତି । ହାତୀ ପଲ୍ଲୁ ଚାଷ ଜମି ନଷ୍ଟ କରୁଛନ୍ତି । ଗାଁ ଗୁଡିକର ମାଟିଘର ଭାଙ୍ଗୁଛନ୍ତି ବେଳେ ବେଳେ ମଣିଷଙ୍କୁ ମଧ୍ୟ ମାରିବାକୁ ପଛଘୁଞ୍ଚା ଦେଉ ନାହାନ୍ତି । ଯଦିଓ ହାତୀ ଗୋଟିଏ ହିଂସ୍ର ଜୀବ ନୁହେଁ ତଥାପି ହାତୀ ଦ୍ୱାରା ଅନେକ ଲୋକ ମରିଲେଣି । କାହିଁକି ହାତୀ ଆକ୍ରମଣ କରିବା ପାଇଁ ଆଗେଇ ଆସୁଛି ?

କଥାରେ ଅଛି "ହାତୀ ମରିଲେ ଲକ୍ଷେ, ହାତୀ ବଞ୍ଚିଥିଲେ ଲକ୍ଷେ" । ମୃତ ହାତୀର ଦାନ୍ତ, ଚମଡା ବିକ୍ରି କରି ଶିକାରୀମାନେ ଅନେକ ପଇସା ପାଇଥାନ୍ତି ସେଥିପାଇଁ ସେମାନେ ଲୁଚିଛୁପି ହାତୀକୁ ହତ୍ୟା କରିଥାନ୍ତି । ଫରେଷ୍ଟ ଡିପାର୍ଟମେଣ୍ଟ ବେଳେ ବେଳେ ଏହି ଶିକାରୀଙ୍କୁ ଧରି ଥାନ୍ତି ।

ଜଙ୍ଗଲର ହାତୀ ଖାଦ୍ୟ ଅଭାବରୁ ସହର ବା ଗ୍ରାମ ଆଭିମୁଖୀ ହୋଇଥାଏ । ଆଧୁନିକ ମଣିଷ ହାତୀ ଏବଂ ଅନ୍ୟ ବଣ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀଗୁଡିକୁ ନିଜ ଆକ୍ତିଆରକୁ ନେଇ ଆସିଲା ପରେ ହାତୀ ବାଧ ହୋଇ ଜନବସତିକୁ ଆସୁଅଛି ।

ହାତୀକୁ ବହୁ ପୁରୁଣା କାଳରୁ ମଣିଷ ପୋଷା କରାଇପାରିଛି । ହାତୀ ଦ୍ୱାରା ଅନେକ କାର୍ଯ୍ୟ ମଧ୍ୟ କରାଯାଇଛି । ଯେହେତୁ ହାତୀ ଗୋଟିଏ ବିଶାଳକାୟ ଜୀବ ଏବଂ ତାର ଶକ୍ତି ମଧ୍ୟ ଅସିମ ସେଥିପାଇଁ ସେ ମଣିଷ ର ଅନେକ କାମରେ ଆସିପାରିଛି । ପୌରାଣିକ ସମୟରେ ମଧ୍ୟ ହାତୀକୁ ପୋଷାଯାଉଥିଲା ଏବଂ ଭିନ୍ନ ଭିନ୍ନ କାମ ମଧ୍ୟ ହାତୀ ଦ୍ୱାରା କରାଯାଉଥିଲା । ମହାଭାରତ ଯୁଦ୍ଧରେ ହାତୀ ସେନାର ବର୍ଣ୍ଣନା ରହିଛି । ହାତୀକୁ ଆମ ସଂସ୍କୃତିରେ ଗୋଟିଏ ଶୁଭ ପଶୁ ବୋଲି ମାନ୍ୟତା ମିଳିଛି । ଲକ୍ଷ୍ମୀଙ୍କ ପାଖରେ ହାତୀର ସ୍ଥାନ ଥାଏ । ସେହି ପରି ଇନ୍ଦ୍ରଙ୍କୁ ଐରାବତ ହାତୀ ପିଠିରେ ବସିବାର ବର୍ଣ୍ଣନା ରହିଛି ।

ଆଜି ଦ୍

# କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା

ପାରାଦୀପ, ୦୨/୧୨ (ନି.ପ୍ର): ପାରାଦୀପ ସମୁଦ୍ର ବେଳାଭୂମି ବିଜୁ ମଇଦାନରେ ଅନୁଷ୍ଠିତ ଐତିହାସିକ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ର ଷଷ୍ଠ ଦିନରେ ପ୍ରବଳ ଭିଡ ହେଇଥିଲା । ବିଭିନ୍ନ ଘରକାରଣା ସାମଗ୍ରୀ କିଣା ବିକା ସହ ଚିତ ବିନୋଦନର ଏକ ମାହୋଲ ଦେଖିବାକୁ ମିଳିଛି । ଏହି ଅବସରରେ ଅପରାହ୍ନ ରୁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।ସେଥି ମଧ୍ୟରୁ ପ୍ରଥମେ ପାରାଦୀପ ସ୍ୱାକ୍ଷରତା ସମିତି ପକ୍ଷରୁ ମଞ୍ଚରେ ସଚେତନତା ନାଟକ ଅନୁଷ୍ଠିତ ହେବା ସହ ଲିଟିଲ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ନୃତ୍ୟ ବିଚିତ୍ରା, ହାଇକିଙ୍ଗ ଡ୍ୟାନ୍ସ ଗ୍ରୁପ ର ଆଧୁନିକ ନୃତ୍ୟ, ପରମ ଜ୍ୟୋତି କଳାପରିଷଦ ର ଓଡିଶୀ ନୃତ୍ୟ ଓ ବିଚିତ୍ରା, ଜଗତସିଂହପୁର ଉତ୍କଳ କଳା ମନ୍ଦିର ର ସମ୍ବଲପୁରୀ ଓ ଓଡିଶୀ ନୃତ୍ୟ, ଭବାନୀପାଟଣା ର ଢେମସା ନୃତ୍ୟ ଓ ନଟରାଜ ଡ୍ୟାନ୍ସ ଗ୍ରୁପ କୋଲକାତା ପକ୍ଷରୁ ମଣିପୁରୀ ଓ ବିହୁ ନୃତ୍ୟ ଓ ରାତି ୯ ଟା ପରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଆଜିର ସାଂସ୍କୃତିକ ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜଗତସିଂହପୁର ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ସେଠୀ ଓ. ଏ. ଏସ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସାଂସ୍କୃତିକ ବିଭାଗ ର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ ଆଇ.ଏ.ଏସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୃହ ନଗର ଉନ୍ନୟନ ବିଭାଗ ର ଯୁଗ୍ମ ସଚିବ ଶାରଦା ପ୍ରସାଦ ପଣ୍ଡା ଓ. ଏ. ଏସ ଯୋଗ ଦେଇଥିଲେ। ଉକ୍ତ ସଭାରେ ।କଳିଙ୍ଗ ବାଲିଯାତ୍ରା ସରି ସରି ଆସୁଥିବାରୁ ଜନ ସମାଗମ ମଧ୍ୟ ବଢି ଚାଲିଥିଲା।

ଆଜି ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଦର୍ଶକ ମାନେ ମନ ଭରି ଉପଭୋଗ କରିଥିଲେ। ବାଲିଯାତ୍ରାରେ କେବଳ ଖାଦ୍ୟ ସାମଗ୍ରୀ କାହିଁକି ଘର ସଜେଇବା ପାଇଁ ଲୋକଙ୍କ ଚାହିଦା ରହିଛି।

## ଆଗେଇ ଚାଲିଛି 'ଧୁମୁସା-୨୦୨୩'ର ସ୍ମରଣିକା ପ୍ରକାଶନ କାମ

ଉଦଳା , ୦୨/୧୨ (ନି.ପ୍ର): ଚଳିଡ଼ ଡ଼ିସେମ୍ବର ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା କପ୍ତିପଦା ଉପଖଣ୍ଡ ସ୍ତରୀୟ ଉଦଳା ମହୋତ୍ସବ 'ଧୁମୁସା-୨୦୨୩' ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଏଥିପାଇଁ ଆଜି ଡ଼ିସେମ୍ବର ୧ ତାରିଖ ଶୁକ୍ରବାର ଦିନ ସ୍ମରଣିକା କମିଟିର ସଦସ୍ୟ ମାନଙ୍କର ବୈଠକ ବସି ଆଗକୁ ଥିବା କାମ ଯଥା - ବିଜ୍ଞାପନ ଓ ବାର୍ତାସଂଗ୍ରହ ସହିତ ବାରମ୍ବାର ପ୍ରେସ ସହିତ ଯୋଗାଯୋଗ ପାଇଁ ଦାୟିତ୍ୱ ବଂଟନ କରାଯାଇଛି । କେବଳ ବିଜ୍ଞାପନ ସଂଗ୍ରହରେ ଯେ ପରି ସ୍ମରଣିକାର ଛପେଇ ଖର୍ଚ୍ଚ ଉଠିଯିବ ସେଥିପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ କମିଟି ତରପରୁ ନିବଦେନ କରାଯାଇଛି ।

## ନହଙ୍ଗ ମହିଳା ଉଚ୍ଚ ବିଦ୍ୟାଳୟରେ ଏଡ୍‌ସ ଦିବସ ପାଳିତ

ଖଇରା, ୦୨/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇ ଯାଇଛି । ପ୍ରଥମେ କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଛାତ୍ରୀଛାତ୍ର ମାନେ ବିଭିନ୍ନ ସ୍ଲୋଗାନ ଦେଇ ନହଙ୍ଗ ଗ୍ରାମ ପରିକ୍ରମା କରିଥିଲେ । ପରେ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ଅନିତରାଣୀ ନାୟକଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁସ ଡାକ୍ତର ସଞ୍ଜିବା ବିଶ୍ୱାଳ ତଥା ଅଧ୍ୟାପିକା ସୁଲୋଚନା ଦାସ, ଜ୍ୟୋତ୍ସ୍ନାବାଳା ଦାସ, କ୍ରୀଷ୍ଣାକୁମାରୀ ଖଟୁଆ ଅଧ୍ୟାପକ ବିଷ୍ଣୁପ୍ରସାଦ ରାଉତ, କସ୍ତୁରୀକନିକା ଦାସ ପ୍ରମୁଖ ଯୋଗ ଦେଇ ଏଡସର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ ।

## ପଣ୍ଡିତ ରମାନାଥ ମିଶ୍ର ଗ୍ରନ୍ଥାବଳୀ ଉନ୍ମୋଚିତ

ବାଲେଶ୍ୱର, ୦୨/୧୨ (ନି.ପ୍ର): ଜାତୀୟସ୍ତରରେ ଖ୍ୟାତିସଂପନ୍ନ ମହାନ ସଂସ୍କୃତଜ୍ଞ ପଣ୍ଡିତ ରମାନାଥ ମିଶ୍ରଙ୍କ ଦୁଷ୍ପ୍ରାପ୍ୟ ପାଣ୍ଡୁଲିପିକୁ ସଂଗ୍ରହ କରି ଅଧ୍ୟାପକ କମଳାକାନ୍ତ ଦାଶଙ୍କ ସଂପାଦିତ 'ପଣ୍ଡିତ ରମାନାଥ ମିଶ୍ର ଗ୍ରନ୍ଥାବଳୀ' ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ଉତ୍ସବରେ ବିଶିଷ୍ଟ ସଂସ୍କୃତଜ୍ଞ କ୍ଷିତୀଶ୍ୱର ଦାଶ, ସଂଜୟ କୁମାର ପଣ୍ଡା ଓ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ ବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ରମାନାଥ ମିଶ୍ରଙ୍କର କୃତି ଓ କୀର୍ତ୍ତି ସଂପର୍କରେ ଆଲୋଚନା କରିବା ସହିତ ତାଙ୍କର ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସଂକଳକ କମଳାକାନ୍ତ ଦାଶ ନିଜର ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ଦେଇଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ତପନ ରାୟ, ନିବାରଣ ଜେନା, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ପଦ୍ମଲୋଚନ ଦତ୍ତ, ନିରଂଜନ ବେହେରା, ଦୀପକ ଦାସ, ରାଜେନ୍ଦ୍ରନାଥ ରାଉତ, ରମାକାନ୍ତ ମହାନ୍ତି, ଭାସ୍କରଚନ୍ଦ୍ର ମିଶ୍ର, କମଳାକାନ୍ତ ନାୟକ, ନିତ୍ୟାନନ୍ଦ ରାଉତ, ଶିବଶଙ୍କର ନନ୍ଦୀ, ରଜନୀକାନ୍ତ ବେହେରା, ଦିଲ୍ଲୀପ ଚକ୍ରବର୍ତ୍ତୀ, ସନାତନ ଦାସ, ପରମାନନ୍ଦ ପଣ୍ଡା, ଶୁଭମ ଦାଶ, ଶତ୍ରୁଘନ ବେହେରା, ମନ୍ମଥ କୁମାର ସାହୁ, ଜନ୍ମେଜୟ ରାଉତ, ସୌମ୍ୟରଂଜନ ମାଝୀ, ରଶ୍ମିରଂଜନ ସାହୁ, ଦିନେଶ କୁମାର ନାଏକ, ମଧୁସୂଦନ ମାଝୀ, ପୀତାମ୍ବର ବେହେରା, ରଶ୍ମିରଂଜନ ନାୟକ, ନିରଂଜନ ରାଉତ, ରାମକୃଷ୍ଣ ପତି, ଅଞ୍ଜଳି ପଣ୍ଡା, ଶ୍ରୀରୂପାମଞ୍ଜରୀ ସେନ, ଉର୍ମିଳା ନାୟକ, ସୁନାମଣି ଜେନା ଓ ମମତା ଦାସ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ।

## ଖେଳ ହିଁ ପିଲାଙ୍କର ପ୍ରଥମ ପାଠ : ମିନତି ମଂଜରି

ଉଦଳା , ୦୨/୧୨ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ତେଲଦିହୁଡ଼ିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପିଲାଙ୍କ ମଧ୍ୟରେ ଦୌଡ଼, ମ୍ୟୁଜିକ ଚେୟାର, ମାନସିକ ଦକ୍ଷତା ଇତ୍ୟାଦି ବିଷୟରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସହକାରୀ ଗୋଷ୍ଠି ଶିକ୍ଷା ଅଧିକାରୀ ମିନତି ମଂଜରି ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ 'ଖେଳ' ହିଁ ପିଲାଙ୍କର ପ୍ରଥମ ପାଠ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କଇଁସାରି କ୍ଲଷ୍ଟରର ସିଆରସିସି ଶାନ୍ତନୁ କୁମାର ଦାଶ ଓ ଶିକ୍ଷୟିତ୍ରୀ ସଂଘମିତ୍ରା ଭୁୟାଁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଭୟ ଶାରିରିକ ଓ ମାନସିକ ଦକ୍ଷତାର ବିକାଶ ପାଇଁ ଖେଳ ହିଁ ଏକମାତ୍ର ବିକଳ୍ପ ବୋଲି ବ୍ୟକ୍ତ କରିଥିଲେ ।

## ୧୨ ତମ ଭୈରବୀ ନୋବୁଲ ଆୱାର୍ଡ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୦୨/୧୨ (ନି.ପ୍ର): ବାସୁଦେବପୁର ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୈରବୀ ନୋବୁଲ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ୧୨ ତମ ଭୈରବୀ ନୋବୁଲ ଆୱାର୍ଡ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ଫାଉଣ୍ଡେସନ ର ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ମୁଖ୍ୟ ଅତିଥି, ଏସ ଡି ପି ଓ ସୌରଭ ଓତା ମୁଖ୍ୟ ବକ୍ତା, ବାସୁଦେବପୁର ଥାନା ଅଧିକାରୀ କବି ଲୋପାମୁଦ୍ରା ନାୟକ ଓ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଜିର ଛାତ୍ର ଛାତ୍ରୀ ମାନେ ଦେଶର ଭବିଷ୍ୟତ । ସେମାନେ ଉପଯୁକ୍ତ ପରିଶ୍ରମ କରି ବିଭିନ୍ନ କ୍ଷେତ୍ର ରେ ନିଷ୍ଠା ର ସହ ଆଗେଇଗଲେ ନିଶ୍ଚିତ ସଫଳତା ପାଇ ପାରିବେ ବୋଲି ଅତିଥି ବନ୍ଧୁ ମତ ପ୍ରକାଶ କରିଥିଲେ । ଭଦ୍ରକ ଜିଲ୍ଲାର ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ ସୁବ୍ରତ ନାୟକ ୫୭୭ ନମ୍ବର ମଞ୍ଜୁଳା ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭଦ୍ରକ ଙ୍କୁ ୨୫ ହଜାର ଟଙ୍କା ର ଅର୍ଥ ରାଶି ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବାସୁଦେବପୁର ବ୍ଲକ ଓ ମୁନିସିପାଲିଟି ରେ ସର୍ବୋଚ୍ଚ ନମ୍ବର ପ୍ରାପ୍ତ ୧୦ ଜଣ ବିଦ୍ୟାର୍ଥୀ ଶୁଭଲକ୍ଷ୍ମୀ ବେହେରା ବି ଡି ନୋଡାଲ ହାଇସ୍କୁଲ ଅରଣ୍ଡୁଆ ୫୭୦ ନମ୍ବର, ରଶ୍ମିରଂଜନ ସାହୁ ଶହୀଦ ସ୍ମୃତି ହାଇସ୍କୁଲ ଇରମ ୫୬୯ ନମ୍ବର, ସ୍ୱୟଂ ସିଦ୍ଧା ମଳିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାସୁଦେବପୁର ୫୬୨ ନମ୍ବର, ପ୍ରୀତି କ୍ରିଷ୍ଣା ବାରିକ ଶହୀଦ ସ୍ମୃତି ହାଇସ୍କୁଲ ଇରମ ୫୬୦ ନମ୍ବର, ମନ୍ଦିରା ପ୍ରିୟ ଦର୍ଶିନୀ ପଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାସୁଦେବପୁର ୫୫୮ ନମ୍ବର, ଓମକାର ନାଥ ସାହୁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁଦେବପୁର ୫୫୮

ନମ୍ବର, ଅଭିଲିପ୍ସା ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାସୁଦେବପୁର ୫୫୭ ନମ୍ବର, ଜୀବନ ଜ୍ୟୋତି ଅଗସ୍ତି ଶହୀଦ ସ୍ମୃତି ହାଇସ୍କୁଲ ଇରମ ୫୫୭ ନମ୍ବର, ଦୀପକ ନାୟକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାସୁଦେବପୁର ୫୫୬ ନମ୍ବର ଓ କୋଣାର୍କ ଶିଖର ନାଥ ବି ସି ୟୁ ବି ବି ଏନ ମନ୍ଦାରୀ ୫୫୪ ନମ୍ବର ଙ୍କୁ ୫ ହଜାର ଟଙ୍କା ର ଅର୍ଥ ରାଶି ଓ ମାନପତ୍ର ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଓ ସଂଯୋଜକ ଖଗେନ୍ଦ୍ର ପ୍ରସାଦ ମହାନ୍ତି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଫାଉଣ୍ଡେସନର ସମ୍ପାଦକ ଗୌତମ ଦାସ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବକୁ ପରିଚାଳନା କରିବାରେ ମହେଶ୍ୱର ଧଳ, ସୁବ୍ରତ ଧଳ, ଚିରଞ୍ଜୀବ ଭୋଇ, ଶଶାଙ୍କ ଶେଖର ସାମଲ, ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହି ଉତ୍ସବ ରେ ଶିକ୍ଷାବିତ ଦୁଃଶାସନ ରାଉତ, କବି ରତ୍ନାକର ବାରିକ, ଅବସରପ୍ରାପ୍ତ ଅଧକ୍ଷ ଡ଼କ୍ଟର ପ୍ରତାପ ନାୟକ, ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି କୈଳାସ ନାଥ ଓ ବହୁ ଶିକ୍ଷକ ବିଦ୍ୱାନ ଜ୍ଞାନୀ ଗୁଣୀ ଛାତ୍ର ଛାତ୍ରୀ ଜନସାଧାରଣ ଯୋଗ ଦେଇଥିଲେ।

## ବସ୍ତା ବିଜେପିର ବିକଶିତ ଭାରତ ରଥ ପାଇଁ ପ୍ରସ୍ତୁତି ବୈଠକ

ବସ୍ତା , ୦୨/୧୨ (ନି.ପ୍ର): ବସ୍ତା ବିଜେପି ପକ୍ଷରୁ ଆଜି ଅପରାହ୍ନରେ ଏନ୍ ଏକ ୬୦ ପାର୍ଶ୍ୱରେ ଥିବା ହୋଟେଲ ଆହାର ପରିସରରେ ଭାରତ ବିକଶିତ ରଥ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପୌରହିତରେ ବିଜେପି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୋଭାନା ମହାନ୍ତି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ଜୈନ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଧୂର୍ବ ଚରଣ ନାୟକ, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି,ବସ୍ତା ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, ଭୂପେନ ସାହୁ, ବସନ୍ତ ବାରିକ, ଜିଲ୍ଲା ଯୁବମୋର୍ଚ୍ଚା ସଂଯୋଜକ ରଜତ ରଞ୍ଜନ ଦାଶ, ବସ୍ତା ଯୁବମୋର୍ଚ୍ଚା ସଭାପତି ଧୀରେନ କୁମାର ସେଠୀ,ବସ୍ତା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ଯୁବମୋର୍ଚ୍ଚା ମିଡ଼ିଆ କୋଡ଼ି ନେଟର ନିଧିଆ ମାରାଣ୍ଡି, ପଞ୍ଚାୟତର ପ୍ରମୁଖ ଭାସ୍କର ଘୋଷ, ସିଂଲା ସରପଞ୍ଚ ବିପିନ ବିଶ୍ୱାଳ, ମୃତ୍ୟୁଞ୍ଜୟ ବାରିକ ସମେତ ବହୁ ବିଜେପି କର୍ମୀ ଯୋଗଦେଇ ଆଲୋଚନା ଅଂଶ ଗ୍ରହଣ କରି ଆଗାମୀ ଦିନରେ ପ୍ରତି ପଞ୍ଚାୟତି ଆସିବାକୁ ଥିବା

ବିକଶିତ ଭାରତ ରଥକୁ କିପରି ସ୍ୱାଗତ କରାଯିବ ଓ ପ୍ରତେକ ପଞ୍ଚାୟତର ଲୋକମାନେ ପ୍ରଧାନମନ୍ତ୍ରୀଙ୍କର ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ଲୋକଙ୍କ ଅଭିଯୋଗ ପତ୍ରକୁ ଏହି ରଥ ମାଧ୍ୟମରେ ଗ୍ରହଣ କରାଯାଇ କିପରି ସୁଚାରୁ ରୂପେ ସମସ୍ୟାର ସମାଧାନ କରାଯିବା ସେଥିପାଇଁ ଚୂଡାନ୍ତ ପ୍ରସ୍ତୁତି କରାଯାଇଥିଲା। ଶେଷରେ ସାଙ୍ଗଠନିକ ଆଲୋଚନା ହେବା ସହିତ ଭାରତର ଅଖଣ୍ଡତାକୁ ବଜାଇ ରଖିବାରେ ଶପଥ ଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଆମେରିକାକୁ ଧମକ ଦେଲା ...

ସୁରକ୍ଷିତ କରିଛି' । ଏହାପରେ ଉତ୍ତର କୋରିଆ ଶନିବାର କହିଛି ଯେ ଯଦି ଏହାର ସାଟେଲାଇଟ୍ ପରିଚାଳନାରେ କେହି ହସ୍ତକ୍ଷେପ କରେ ତେବେ ସେ ଯୁଦ୍ଧ ଘୋଷଣା କରିବ । ମହାକାଶରେ ଆମେରିକାର ହସ୍ତକ୍ଷେପର ମୁହଁତୋଡ଼ ଯବାବ ଦେବ । ଆମେରିକା କହିଥିଲା ଯେ ଦରକାର ପଡ଼ିଲେ ସେ ନିଜ ଗୁଇନ୍ଦା ସାଟେଲାଇଟରୁ ଉତ୍ତର କୋରିଆର ସାଟେଲାଇଟ୍ ପରିଚାଳନାରେ ହସ୍ତକ୍ଷେପ କରିପାରେ ।

## ସୃଷ୍ଟି ହେଲା ଗଭୀର...

ତାମିଲନାଡୁ ଉପକୂଳ ନିକଟତର ହେବ। ୫ ତାରିଖରେ ନେଲୋର ଓ ମଛଲିପଟ୍ଟନମ ଉପକୂଳ ଦେଇ ଅତିକ୍ରମ କରିବ। ଏହା ଅତିକ୍ରମ କରିବା ବେଳେ ପବନର ବେଗ ସର୍ବାଧିକ ୧୦୦ କିମି ରହିବ। ଏହି ସମ୍ଭାବ୍ୟ ବାତ୍ୟା ପ୍ରଭାବ ଓଡ଼ିଶା ଉପରେ ପଡ଼ିବ। ଏହା ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଆସନ୍ତାକାଲି ଅର୍ଥାତ ୩ ତାରିଖରୁ ୭ ତାରିଖ ଯାଏଁ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି। ୫ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବିସ୍ତୃତି ବଢ଼ିବ। ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏଥିପାଇଁ ୪ ତାରିଖ ସନ୍ଧ୍ୟାରୁ ସମୁଦ୍ର ଭିତରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି।

## ଚାକିରିରୁ ବିଦା ହେଲେ ...

ଏତେ ପଇସା କୁଆଡୁ ଆଣିଲେ ସେନେଇ ସୁଶାନ୍ତଙ୍କୁ ପଚରାଉଚରା କରିଥିଲା ଭିଜିଲାନ୍ସ। ହେଲେ କୌଣସି ସ୍ପଷ୍ଟ ଉତ୍ତର ଦେଇପାରି ନଥିଲେ ଥାନା ବାବୁ। ୧୯୯୯ରୁ କନେଷ୍ଟବଲ ଭାବେ ଚାକିରି ଆରମ୍ଭ କରିଥିଲେ ସୁଶାନ୍ତ । ଆଉ କନେଷ୍ଟବଲରୁ ବନିଯାଇଥିଲେ ଥାନା ବାବୁ। କିନ୍ତୁ କେଉଁଠି ମଦ ବ୍ୟବସାୟୀଙ୍କୁ ଖଲାସ କରିବାରେ ହେଉ କିମ୍ବା ମୁଦାଲାଙ୍କୁ ଛାଡ଼ିଦେବା ଭଳି ମାଳ ମାଳ ଅଭିଯୋଗ ଆଧାରରେ ୨୦୧୨ରେ ଜଗତସିଂହପୁର, ୨୦୧୮ରେ କଟକ ଏବଂ ୨୦୨୦ରେ ରାୟଗଡ଼ାର ତତ୍କାଳୀନ ଝଟ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। କିନ୍ତୁ ତିନି ତିନି ଜଣ ଏସପିଙ୍କ ସୁପାରିଶକୁ ଖାତିର ନ କରି ୨୦୨୩ରେ ତାଙ୍କୁ ଥାନା ବାବୁ ଭାବେ ପଦୋନ୍ନତି ମିଳିଥିଲା। ଏହାପରେ ଗଞ୍ଜେଇ ବେପାର ପାଇଁ ଚର୍ଚ୍ଚାରେ ଥିବା ବୈପାରୀଗୁଡ଼ାରେ ତାଙ୍କୁ ନିଯୁକ୍ତି ଦିଆଯାଇଥିଲା। କଟକ ଜିଲ୍ଲାର ଜଣେ ମନ୍ତ୍ରୀ ଓ ନୟାଗଡ଼ ଜିଲ୍ଲାର ଜଣେ ବିଧାୟକ ବିଭିନ୍ନ ସମୟରେ ସୁଶାନ୍ତଙ୍କ ମୁଣ୍ଡରେ ଆଶୀର୍ବାଦ ରଖିଥିବାରୁ ସେ ଏଭଳି କଳାଟଙ୍କାର ମାଲିକ ହୋଇପାରିଥିବା ବିଜେପି ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ ଅଭିଯୋଗ କରିଥିଲେ ।

## ବାଲି ଚାଲାଣ ନେଇ ପୂର୍ବତନ...

କରୁଥିବା ଲିଜ୍ ଧାରୀଙ୍କଠାରୁ ଫାଇନ୍ ଆଦାୟ କରାଯାଇଛି। ଅନ୍ୟପକ୍ଷରେ କଟକ ସହରରେ ବେଆଇନ ବାଲିଚାଲାଣ କରାଯାଉଥିବା ଉପରେ ନେଇ ହାଇକୋର୍ଟଙ୍କ ନଜର ଥିଲା। ରାତି ୧୦ଟାରୁ 

ରବିବାର, ଡିସେମ୍ବର ୦୩, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆର ଆରଡିସି ପକ୍ଷରୁ ତୃତୀୟ ବିଶ୍ୱ ଏଡସ ଦିବସ ପାଳିତ

ବାରିପଦା, ୦୨/୧୨ (ନି.ପ୍ର): ବାରିପଦା ବାଘଡା ରୋଡ଼ ସ୍ଥିତ ଆରଆରଡିସି ପକ୍ଷରୁ ଅଫିସ ସମ୍ମିଳନି ଗୃହ ଠାରେ ତୃତୀୟ ଲିଙ୍ଗି ମାନଙ୍କୁ ନେଇ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ବାରିପଦା ପିଆରଏମ ମେଡିକାଲ କଲେଜର ଡାକ୍ତର ସନ୍ତୋଷ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ଼. ଶୁଭେନ୍ଦୁ ଶତପଥି, ସମ୍ମାନିତ ଅତିଥି ଭାବରେ ଏମଏସଡବ୍ଲ୍ୟୁ ବିଭାଗର ପ୍ରଫେସର ଡ଼. ସୁଜୟ କୁଣ୍ଡୁ, ଆଇସିଟିସିର କାଉନସେଲର ସନ୍ୟାସୀ ଜେନା, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ଦୀପକ କୁମାର ନାୟକ ପ୍ରମୁଖ ଯୋଗଦେଇ ଏଡ୍ସକୁ ପ୍ରତିହତ କରିବା ପାଇଁ ସଚେତନତା ପ୍ରମୁଖ ଅସ୍ତ୍ର ବୋଲି କହିଥିଲେ । ଆରଆରଡିସିର ସମ୍ପାଦକ ଶିରୀଶ ଚନ୍ଦ୍ର ମହାନ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ, ପ୍ରଜେକ୍ଟ ମ୍ୟାନେଜର ପ୍ରମୋଦ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ତୃତୀୟ ଲିଙ୍ଗି, ମହିଳା ଯୌନକର୍ମୀ ଏବଂ ଅନ୍ୟମାନେ ଯୋଗଦେଇଥିଲେ ।

## ବିଜେଡି ଓ କଂଗ୍ରେସର ଖଇରା କ୍ୟାମ୍ପସ ର୍ୟାଲି: କମ୍ପିଲା ସୋର-କୁପାରୀ ରାଜ୍ୟ ରାଜପଥ

ଖଇରା, ୦୨/୧୨ (ନି.ପ୍ର): ଖଇରା ବିଜେଡି ଓ କଂଗ୍ରେସ ପକ୍ଷରୁ ସମାନ୍ତରାଳ ଭାବେ ଖଇରା ମହାବିଦ୍ୟାଳୟ କ୍ୟାମ୍ପସ କମିଟି ଗଠନ କରିଯିବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜୋଶ ଦେଖିବାକୁ ମିଳିଛି । ଶୁକ୍ରବାର ବିଜେଡି ଛାତ୍ର ନେତାଙ୍କ ନେତୃତ୍ୱରେ ବିସିଜେଡିର ଛାତ୍ରଛାତ୍ର ମାନେ ଡିଜେ ବଜାଇ ଖଇରା ବଜାର ପରିକ୍ରମା କରିଥିବା ବେଳେ ଶନିବାର ଦିନ ବିଜେଡିକୁ ଟକ୍କର ଦେଇ ଅନ୍ୟ ଏକ ବିଶାଳ ରାଲି ଖଇରା ବଜାର ପରିକ୍ରମା କରିଛି । ବିଜୁ ଛାତ୍ର ଜନତା ଦଳ ସଭାପତି ଗୌତମ ରାଉତ ଓ କାର୍ଯ୍ୟକାରୀ ସଭାପତି ପ୍ରିତମ ନାୟକଙ୍କ ନେତୃତ୍ୱରେ ଓ ମିଳନ ପତ୍ରୀ, ତୃପ୍ତିକାନ୍ତ ନାୟକ, ସୌମ୍ୟ ରଞ୍ଜନ ନାୟକ ଓ ଜ୍ୟୋତି ପ୍ରକାଶ ନାୟକଙ୍କ ସହଯୋଗରେ କ୍ୟାମ୍ପସ କମିଟି ଗଠନ କରାଯିବା ପରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କମିଟି କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଛାତ୍ରଛାତ୍ରୀ ମାନେ ଡିଜେ ର ତାଳେ ତାଳେ ଖୁସି ମନାଇଥିଲେ । ସେହିଭଳି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରାଙ୍କ ପରାମର୍ଶ କ୍ରମେ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ଲକ୍ଷରେ ଛାତ୍ର କଂଗ୍ରେସ ସମର୍ଥିତ ପିଲା ମାନଙ୍କୁ ସଙ୍ଗଠିତ କରାଯାଇ ଅନ୍ୟ ଏକ କ୍ୟାମ୍ପସ କମିଟି ଗଠନ କରାଯାଇଥିଲା । ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଜିଲା ଛାତ୍ର ସଭାପତି ଗୌତମ ସାହୁ, ଉପସଭାପତି ଭବାନି ଶଙ୍କର ମାହେଲିକ, ଛାତ୍ର ନେତା ଚନ୍ଦନ ମାହେଲିକ, ଗଣେଶ ସାହୁ, ବରେନ୍ଦ୍ର କୁଅଁର, ହେମନ୍ତ ସ୍ୱାଇଁ, ସାଧାରଣ ସମ୍ପାଦିକା ସ୍ମୃତିରାଣି ମାହପାତ୍ର, ଗୀତାଞ୍ଜଳୀ ସେଠୀ ଉପସ୍ଥିତିରେ ର୍ୟାଲି ଖଇରା କଲେଜ ଛାକରୁ ବାହାରି ବ୍ଲକ ପର୍ଯ୍ୟନ୍ତ ଯାଇଥିଲା । କ୍ୟାମ୍ପସ କମିଟି ଗଠନରେ ବିଜେପି ପଛରେ ପଡି ଯାଇଛି ।

## ୨୪ତମ ଚାନ୍ଦିପୁର ସ୍ୱର୍ଣ୍ଣିମ ବେଳାଭୂମି ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୦୨/୧୨ (ନି.ପ୍ର): ୨୪ତମ ଚାନ୍ଦିପୁର ସ୍ୱର୍ଣ୍ଣିମ ବେଳାଭୂମି ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନ ୪.୩୦ ଘଟିକା ସମୟରେ ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଚାନ୍ଦିପୁର ସ୍ୱର୍ଣ୍ଣିମ ବେଳାଭୂମି ମହୋତ୍ସବର ପ୍ରସ୍ତାବିତ ତାରିଖ ଏବଂ ଉତ୍ସବର ବଜେଟ୍, ବିଭିନ୍ନ ଉପ-କମିଟି ଗଠନ, ପାନୁନିବାସ ଛକରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ରାସ୍ତାର ମରାମତି, ପର୍ବ ଅବଧିରେ ନିରନ୍ତର ବିଦ୍ୟୁତ୍ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସମୁଦ୍ର କୂଳ କାର୍ଯ୍ୟକଳାପ, ଅଗ୍ନି ନିରାପତ୍ତାର ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପାର୍କିଂ ସ୍ଥାନ ଚୟନ, ପ୍ରଥମ ସହାୟତା କେନ୍ଦ୍ର ଏବଂ ଖାଦ୍ୟର ମାନ ପରିଚାଳନା, ପଞ୍ଚାୟତ ଏବଂ ପର୍ଯ୍ୟଟନ ବିଭାଗ ଦ୍ୱାରା ସମୁଦ୍ରକୂଳ ସଫା କରିବା, ବେଳାଭୂମି କ୍ରୀଡା ଆୟୋଜନ ଭଳି ବିଷୟ ଉପରେ ଉପସ୍ଥିତ ଥିବା ଅତିଥିମାନେ ଆଲୋଚନା କରିଥିଲେ ଓ ପ୍ରତିବର୍ଷ ଆନନ୍ଦ ଓ ଉଲ୍ଲାସରେ ପାଳିତ ହେଉଥିବା ଏହି ମହୋତ୍ସବକୁ ଚଳିତ ବର୍ଷ କିଭଳି ଭାବରେ ଜିଲ୍ଲା ପ୍ରଶାସନ ଓ ସାମାଜିକ ଅନୁଷ୍ଠାନଙ୍କ ମିଳିତ ସହଯୋଗରେ ସଫଳ କରାଯାଇ ପାରିବ ସେଥି ପ୍ରତି ମଞ୍ଚାସୀନ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ବିଧାୟକ, ବାଲେଶ୍ୱର ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ, ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ଶୈଳେଶ ଚନ୍ଦ୍ର ଦାସ, ବେଳାଭୂମି ମହୋତ୍ସବ କମିଟିର ସଚିବ ଶ୍ରୀ ହରେ କୃଷ୍ଣ ଦାସ, ବେଳାଭୂମି ମହୋତ୍ସବ କମିଟିର ସଭାପତି ଶ୍ରୀ ଜୀବନ ପ୍ରଦୀପ ଦାସ ମଞ୍ଚାସୀନ ଥିବା ବେଳେ ଜିଲ୍ଲାସ୍ତରୀୟ ଅନେକ ବରିଷ୍ଠ ଅଧିକାରୀ, ବେଳାଭୂମି ମହୋତ୍ସବ କମିଟିର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଧିକାରୀ ବୃନ୍ଦ ଏବଂ ସମାଜସେବୀ ଯୋଗ ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ କ୍ରୀଡା ଓ ସାଂସ୍କୃତିକ ସମାରୋହ ୨୦୨୩ ଅନୁଷ୍ଠିତ

ନୀଳଗିରି, ୦୨/୧୨ (ନି.ପ୍ର): ଶନିବାର ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ପାଣବନ୍ଧ ସ୍ଥିତ ସଜନାଗଡ଼ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଦିବସୀୟ କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୨୦୨୩ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଶିକ୍ଷାଧିକାରିଣୀ ସ୍ନିଗ୍ଧା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରି କ୍ରୀଡାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଆୟୋଜିତ ସଭାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁଚି ରହିଛି ଯାହା ଲୋକଲୋଚନକୁ ଆଣିବା ଏବଂ ପ୍ରତିଭାକୁ ସ୍ୱୀକୃତି ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ ହେବା ଉଚିତ୍ ବୋଲି ନିଜ ଅଭିଭାଷଣରେ ମୁଖ୍ୟ ଅତିଥି କହିଥିଲେ । ମୁଖ୍ୟ ବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ନିଷ୍ପାପ ଛାତ୍ରଛାତ୍ରୀ ମାନଙ୍କ ଓଠରେ ହସ ଫୁଟାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଅନ୍ୱେଷଣ କରିବା ଲାଗି ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଛନ୍ତି । ସମ୍ମାନୀତ ଅତିଥି ଭାବରେ ଏବିଓ/ସିଆରସିସି ମିହିର କୁମାର ଦାସ, ଏବିଓ ଲମ୍ବୋଦର ସିଂ, ଶାନ୍ତିଲତା ଦାସ, ସଜନାଗଡ ସରପଞ୍ଚ ପ୍ରଦୀପ୍ତ ଖାଲପାଳିଆ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚନ୍ଦ୍ର ମୋହନ ବାସ୍କେ , ଚଣ୍ଡୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସେଠୀ ଓ ନୀଳଗିରି ବ୍ଲକ ଅନ୍ତର୍ଗତ ସମସ୍ତ କ୍ଲଷ୍ଟର ର ସିଆରସିସି ଯୋଗଦାନ କରିଥିଲେ । ରୂପକ କୁମାର ପଶା ମଞ୍ଚପରିଚଳନା କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ସମଗ୍ର ଶିକ୍ଷା ବାଲେଶ୍ୱର ତରଫରୁ ଗୋଟିଏ ଟ୍ରାଇ ସାଇକେଲ ଓ ତିନୋଟି ହୁଇଲ୍ ଚେୟାର ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କ ବଣ୍ଟନ କରାଯାଇଥିଲା ।ଏହି କ୍ରୀଡା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୨୫ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, ମିଉଜିକ ଚେୟାର, ଆଲୁ ଦୌଡ଼, ୧୦୦ମିଟର ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀ ମନଙ୍କୁ ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି ।

## ଏନ୍‌ଆଇଏ ୟୁପିର ଶାହଜହାଁପୁରରୁ ଏକ ଯୁବକଙ୍କୁ କଲା ଗିରଫ

ଶାହଜହାଁପୁର, ୦୨/୧୨ (ନି.ପ୍ର): ରାଷ୍ଟ୍ରୀୟ ଅନ୍ୱେଷଣ ଅଭିକରଣ (ଏନ୍‌ଆଇଏ) ଶନିବାର ଦିନ ଉତରପ୍ରଦେଶରୁ ଶାହଜହାଁପୁର ଜିଲ୍ଲାର ବଣ୍ଡା ଗାଁରେ ଚଢାଉ କରି ଏକ ଯୁବକକୁ ଗିରଫ କରିଛି ଏବଂ ପଚରାଉଚୁରା ପାଇଁ ତାକୁ ନିଜ ସହିତ ନେଇଛି । ଏନ୍‌ଆଇଏ ଏହି କାର୍ଯ୍ୟାନୁଷ୍ଠାନ ବେଙ୍ଗାଲୁରରେ ନକଲି ନୋଟ୍ ସହିତ ଯୋଡ଼ିଥିବା ଏକ ମାମଲାରେ କରିଛି । ଏନ୍‌ଆଇଏର ଟିମ୍ ବଣ୍ଡା ଥାନା କ୍ଷେତ୍ର ସ୍ଥିତ ରାମନଗର କଲୋନୀରେ ରହିଥିବା ବିବେକ ଠାକୁର ଓରଫ ଆଦିତ୍ୟଙ୍କ ଘରେ ଚଢ଼ାଉ କରିଛି । ଏହି ସମୟରେ କାହାକୁ ବାହାରୁ ଭିତରକୁ ଏବଂ ଭିତରୁ ବାହାରକୁ ଯିବାକୁ ଦିଆଯାଇ ନାହିଁ । କାର୍ଯ୍ୟାନୁଷ୍ଠାନ ସମୟରେ ଯାଂଚ ଏଜେନ୍ସି ଯୁବକ ପାଖରୁ ମିଳିଥିବା ଲାପଟପ୍, ମୋବାଇଲ ସହିତ କେତେକ କାଗଜପତ୍ରକୁ ନିଜ କବ୍‌ଜାରେ ନେଇଯାଇଛି ।

## ସାପ କାମୁଡ଼ାରେ ମହିଳା ମୃତ

ବସ୍ତା, ୦୨/୧୨ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ବାସୁ ଚକୁରି ପଞ୍ଚାୟତ ଭଗିଚକୁରି ଗ୍ରାମରେ ସାପ କାମୁଡାରେ ଜୈନିକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ମୃତ ମହିଳା ଜଣଙ୍କ ଏହି ଗ୍ରାମର ଟିମା ହାଁସଦାଙ୍କ ସ୍ତ୍ରୀ ବୁଦ୍ଧିନୀ ହାଁସଦା (୨୫) ଗତକାଲି ବିଳମ୍ବିତ ରାତିରେ ସୋଇଥିବା ବେଳେ ଏକ ବିଷଧର ସାପ କାମୁଡ଼ିଥିଲା ଫଳରେ ପରିବାର ଲୋକେ ଜାଣିପାରି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ ମାତ୍ର ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ଖବର ପାଇ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି ।

## ନୂଆପଡାରେ ପୁଣି ଉପସ୍ଥିତି ଜାହିର କଲେ ମାଓବାଦୀ

ଭୁବନେଶ୍ୱର, ୦୨/୧୨ (ନି.ପ୍ର): କିଛି ଦିନ ବ୍ୟବଧାନ ପରେ ନୂଆପଡ଼ାରେ ପୁଣି ଉପସ୍ଥିତି ଜାହିର କଲେ ମାଓବାଦୀ । ନୂଆପଡ଼ା ସଦର ଥାନା ଅନ୍ତର୍ଗତ ସାରାବଙ୍ଗ ନିକଟରେ ପୋଷ୍ଟର ଲଗାଇଛନ୍ତି ମାଓବାଦୀ । ବ୍ୟାନରରେ ପିଏଲଜିଏ ସପ୍ତାହ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି ମାଓବାଦୀ । ପିଏଲଜିଏର ୨୩ ତମ ବର୍ଷ ଉପଲକ୍ଷେ ନୂତନ ଯୁବକ ଯୁବତୀକୁ ମାଓବାଦୀ ସଙ୍ଗଠନରେ ଯୋଗ ଦେବାକୁ ଆହ୍ୱାନ ଦେଇଛନ୍ତି ମାଓବାଦୀ । ସାରାବଂଗ ଅଂଚଳରେ ତିନି ଗୋଟି ମାଓବ୍ୟାନର ଲାଗିଥିବା ବେଳେ ଏହାକୁ ନେଇ ଭୟଭୀତ ହୋଇପଡିଛନ୍ତି ସ୍ଥାନୀୟ ଲୋକେ । ଏଠାରେ ସୂଚନାଯୋଗ୍ୟ ଆଜିଠାରୁ ମାଓବାଦୀଙ୍କ ପିଏଲଜିଏ ସପ୍ତାହ ଆରମ୍ଭ ହୋଇଛି ।

## ଘରପୋଡି ବିପନ୍ନଙ୍କୁ ଜଳେଶ୍ୱର ଯୁବମଂଚର ସହାୟତା

ଜଳେଶ୍ୱର , ୦୨/୧୨ (ନି.ପ୍ର): ଜଳେଶ୍ୱର ବ୍ଲକର ଖୁଲଡା ଗାଁ ଘଟିଥିବା ଅଗ୍ନିକାଣ୍ଡରେ ସର୍ବସ୍ୱ ହାଇଥିବା କେଦର ନାଥ ସାହୁ, ସଂଜୟ କୁମାର ସାହୁ ଓ ଅଜୟ କୁମାର ସାହୁଙ୍କ ଆଜି ଜଳେଶ୍ୱର ଯୁବ ମଂଚ ପକ୍ଷରୁ ଜରୁରୀ ସାହାୟତା ପ୍ରଦାନ କରାଯାଇଛି । ଏଥିରେ କମ୍ବଳ, ମଶିଣା, ବାଲତି, ମଗ୍, ତେଜରାତି ସାମଗ୍ରୀ, ଆଳୁ, ବିସ୍କଟ, ପରିବା, ଫଳ, ସାବୁନ୍ ଇତ୍ୟାଦି ବଣ୍ଟନା କରାଯାଇଛି । ଏଥିରେ ଯୁବମଂଚର ସଭାପତି ରାଜେଶ ଠକ୍କର, ସଂପାଦକ ଗୋପାଳ କଟାଲ, ଗୁନୁ ଦତ୍ତ ଦାସ ମହାପାତ୍ର, ତାପସ ପାଣିଗ୍ରାହୀ, ନିଖିଲ ରାଠୋଡ, ଆଦିତ୍ୟ ନାରାୟଣ ପାତ୍ର ପ୍ରମୁଖ ବିପନ୍ନଙ୍କୁ ବଣ୍ଟ ନ କରିଥିଲେ ।

## ସାଇବର ସୁରକ୍ଷା ଓ ଅନ୍‌ଲାଇନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୨/୧୨ (ନି.ପ୍ର): ମହିଳା ଶିଶୁ ବିକାଶ ବିଭାଗ ଓଡିଶା ସରକାର, ଜିଲ୍ଲା ପ୍ରଶାସନ ଭଦ୍ରକ ଓ ସୋସାଇଟି ଫର ଉଇକର କମ୍ୟୁନିଟି(ଆସିଆନା)ର ମିଳିତ ଉଦ୍ୟମରେ ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସାଇବର ସୁରକ୍ଷା ଓ ଅନ୍‌ଲାଇନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଉପଆରକ୍ଷୀ ଅଧୀକ୍ଷକ ପୁଷ୍ପଲତା ବାରିକ, ଅଧକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଡ. ଦେବରାଜ ପାଣିଗ୍ରାହୀ, ଆସିଆନା ସଂପାଦିକା ସୋଫିଆ ସେକ୍, ବାଲ୍ୟ ବିବାହ (ସଂଯୋଜକ) ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଅଶିମ ଅମିତାଭ ଦାସ, ଜିଲ୍ଲା ଅପରାଧ ଶାଖାର ନୀରକ୍ଷକ ବନ୍ଧନା ଦେବୀ, ଭାରପ୍ରାପ୍ତ ଅଧକ୍ଷ, ଭଦ୍ରକ ମହିଳା ମହାବିଦ୍ୟାଳୟ ଅମିତା ଦଲେଇ, ଅଧ୍ୟାପକ ଆଭାମୟୀ ମହାପାତ୍ର, ମଞ୍ଜୁଲତା ପ୍ରଧାନ ପ୍ରମୁଖ ଯୋଗଦେଇ ସାଇବର ଅପରାଧର ଆମ୍ଭେ କିପରି ବଶବର୍ତି ହେଉଛୁ ଓ ସେଥିପ୍ରତି ଆମେ କିଭଳି ସତର୍କ, ସଚେତନ ହେବା; ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । କେବଳ ସଚେତନା ହିଁ ରକ୍ଷା କବଚ ବୋଲି ବିଭିନ୍ନ ଦୃଷ୍ଟାନ୍ତମୂଳକ ଉଦାହରଣ ଦେଇ ଆଲୋଚନାରେ ଆଲୋକପାତ କରିଥିଲେ । ଅଜଣା ଓ ଅପରିଚିତ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ ଓ ଭ୍ରମତା ହିଁ ଏହି ଅପରାଧର ମୂଳ ଆଧାର ବୋଲି କହିଥିଲେ । କୌଣସି ଅପରାଧରେ ସମ୍ମୁଖିନ ହେଲେ ୧୦୯୮ ଓ ୧୯୩୦ ହେଲପ୍‌ଲାଇନର ସାହାଯ୍ୟ ନେବାପାଇଁ କହିଥିଲେ । ଆସିଆନାର ସଂପାଦିକା ସୋଫିଆ ସେକ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ +୨ ଓ +୩ ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଆସିଆନାର ସଂଯୋଜକ ରିଆଜ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୁବର୍ଣ୍ଣରେଖା ବୋଇତବନ୍ଦାଣ ସମାରୋହ ଉଦ୍‌ଯାପିତ

ଜଳେଶ୍ୱର , ୦୨/୧୨ (ନି.ପ୍ର): ଉତ୍କଳୀୟ ସଂସ୍କୃତି, ପରାମ୍ପରାକୁ ଉଦ୍‌ଜିବିତ ରଖିଛି ବୋଇତବନ୍ଦାଣ ଉତ୍ସବ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଜପୁର, ମହମ୍ମଦନଗରପାଟଣା ଓ ଶିଖରପୁର ପଂଚାୟତ ନଦୀଘାଟ ଠାରେ ଦୀର୍ଘ ୫ଦିନ ଧରି ସୁବର୍ଣ୍ଣରେଖା ବୋଇତ ବନ୍ଦାଣ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉତ୍କଳୀୟ ସଂସ୍କୃତି, କିମ୍ବଦନ୍ତି, ନୌବାଣିଜ୍ୟ, ଲୋକକଥା, ଐତିହ୍ୟ ସଂପର୍କରେ ଆଲୋଚନା କରି ବୋଇତ ବନ୍ଦାଣ ଉତ୍ସବ ଅଦ୍ୟାବଧି ସେ ସବୁକୁ ବଂଚାଇ ରଖିଥିବା କହିଥିଲେ । ଗତ ୨୭ ତାରିଖରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇଥିବା ବେଳେ ୨୮ ତାରିଖରେ ଅରଥନ୍‌ଜିବୀ ସତ୍ୟସୁନ୍ଦର ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସୁଦର୍ଶନ ଦାସ, ମୁଖ୍ୟବକ୍ତା ଅବନୀ ଚାନ୍ଦ, ସମ୍ମାନୀତ ଅତିଥି ସୁବଳ ପରିଡା ଯୋଗ ଦେଇଥିଲେ । ୨୯ ତାରିଖରେ କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ମୁଖ୍ୟବକ୍ତାଭାବେ ପୂର୍ବତନ ବିଧାୟକ ଦେବିପ୍ରସନ୍ନ ଚନ୍ଦ ଓ ସମ୍ମାନୀତ ଅତିଥିଭାବେ ବନମାଳୀ ଧଳ ଯୋଗ ଦେଇଥିଲେ । ଗତ ୩୦ତାରିଖରେ ଅନୁଷ୍ଠିତ ମହିଳା ମଂଚରେ ପ୍ରାଧ୍ୟାପିକ ରାଜଶ୍ରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଇନ୍ଦୁମତି ଗିରି ଓ ସମ୍ମାନୀତ ଅତିଥିଭାବେ ସଂଜିତା ସେନାପତି, ସୁମତି ଦେ, ସୁହାନା ବିବି, ସାଧନା ବାସ୍କେ ଯୋଗ ଦେଇଥିବା ବେଳେ ଦମୟନ୍ତୀ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ଗତ ୧ ତାରିଖ ସଂଧ୍ୟାରେ ରାଜ ଇଲେକ୍ଟ୍ରନିକ୍ସର ମୁଖ୍ୟ ଗିରିଜା ଶଂକର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସୁନିଲ କୁମାର ମହାନ୍ତି ସଭାପତିତ୍